## ସଂକ୍ଷେପରେ

### ଭଗବାନପୁରରେ ଭାଜପାର ମିଶ୍ରଣପର୍ବ

ଧାମନଗର, ୧୪।୫ (ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ଭଗବାନପୁରଠାରେ ଭାଜପାର ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ଗ୍ରାମୀଣ ମଣ୍ଡଳ ଭାଜପା ସଭାପତି ଆଇନଜୀବୀ ଦୀପ୍ତି ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଭଗବାନପୁରର ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର କୁମାର ଜେନା ଏବଂ ତାଙ୍କର ଅନେକ ସମର୍ଥକ ଭାଜପାରେ ସାମିଲ ହୋଇଛନ୍ତି। ଧାମନଗର ବିଧାନସଭା ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସ୍ୱାଗତ କରିଥିଲେ। ଭାଜପା ରାଜ୍ୟ ପରିଷଦ ସଭ୍ୟ ଆଶିଷ କୁମାର ଜେନା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପାତ୍ର, ଆଇନଜୀବୀ ସୁଦର୍ଶନ ସାମଲ, ଗ୍ରାମୀଣ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ସାହୁ, ମହେଶ୍ୱର ସ୍ୱାଇଁ, ଶକ୍ତି କେନ୍ଦ୍ର ପ୍ରମୁଖ ରାଜକିଶୋର ଦାସ, ବରିଷ୍ଠ ନେତା ନାରାୟଣ ସୂତାର, ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନପଙ୍ଗରେ ବିଜେଡିର କର୍ମୀ ସମ୍ମିଳନୀ

ଭଣ୍ଡାରିପୋଖରୀ, ୧୪।୫(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ ୧୦୮ମହାଦେବ ପୀଠଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଭଣ୍ଡାରିପୋଖରୀବାସୀଙ୍କ ସହ ସମ୍ପର୍କ ଦୀର୍ଘଦିନର ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇ ଆଗାମୀ ନିର୍ବାଚନରେ ଦୁଇଟି ଶଙ୍ଖରେ ମତଦାନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ବିଜେଡି ସଭାପତି ଲଳିତ ରାଉତ, ନାଏବ ସରପଞ୍ଚ ରଶ୍ମିତା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାଙ୍କମୁହାଠାରୁ ମୋଟର ସାଇକେଲ ଶୋଭାଯାତ୍ରାରେ କର୍ମୀମାନେ ନେତୃତ୍ୱମାନଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଜନସାଧାରଣଙ୍କ ସହ ମହିଳା, ଛାତ୍ର, ଯୁବ ଓ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଜଗନ୍ନାଥପ୍ରେମୀ ରଙ୍ଗାଧରଙ୍କ ପରଲୋକ

ଅସୁରାଳି, ୧୪।୫(ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକ ଗଡ଼ିଆଳି ଗ୍ରାମର ଜଗନ୍ନାଥପ୍ରେମୀ, ସନାତନ ଧର୍ମ ପ୍ରଚାରକ ରଙ୍ଗାଧର ପରିଡ଼ା(୬୭)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ପାଣିକୋଇଲି ନିକଟରେ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ନିକଟସ୍ଥ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ଗାଁରେ ପହଞ୍ଚିଥିଲା। ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ଶିକ୍ଷାବିତ୍ ମନୋରଞ୍ଜନ ଗୋସ୍ୱାମୀ, ସରପଞ୍ଚ ସରୋଜ ସ୍ୱାଇଁ, ତାରାକାନ୍ତ ମିଶ୍ର, ଡ. ଚକ୍ରଧର ପରିଡ଼ା, ସହଦେବ ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ୧୦୫ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

ତିହିଡ଼ି, ୧୪।୫ (ସଞ୍ଜିତ ବଳ)

- କେଉଁଠି ଅଧାପନ୍ତରିଆ ତ କେଉଁଠି ବିବାଦ ଯୋଗୁ ସ୍ଥାନ ନିରୂପଣ ହୋଇପାରୁନି
- ଘରେ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି କର୍ମୀ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ୧୦୫ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ବିଭିନ୍ନ କାରଣ ନେଇ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇପାରି ନ ଥିବାବେଳେ ଶିକ୍ଷାଦାନରେ ସମସ୍ୟା ଉପୁଜୁଛି। କେଉଁଠି ଅଙ୍ଗନୱାଡି କେନ୍ଦ୍ର ଗୃହ ଅଧାପନ୍ତରିଆ ଅବସ୍ଥାରେ ରହିଛି ତ ଆଉ କେଉଁ ବିବାଦ ଯୋଗୁ ସ୍ଥାନ ନିରୂପଣ ହୋଇପାରୁ ନାହିଁ। ପ୍ରକାଶ ଯେ, ବ୍ଲକର ୩୧ ପଞ୍ଚାୟତରେ ମୋଟ ୩୦୪ଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୨୫ଟି ମିନି ଅଙ୍ଗନୱାଡି କେନ୍ଦ୍ର। ଅଦ୍ୟାବଧି ୨ଶହ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୧୮ଟିର ନିର୍ମାଣ କାର୍ଯ୍ୟ ଚାଲିଛି। କିଛି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ଦୀର୍ଘବର୍ଷ ହେଲା ପଡ଼ିରହିଛି। ୨୩ଟି ସ୍ଥାନରେ କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଜାଗା ମିଳିପାରୁ ନାହିଁ। ଗୋଚରରେ କେନ୍ଦ୍ର ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ଅନୁମତି ମିଳିଲେ କେତେକ ସ୍ଥାନରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସିଡିପିଓ ସଙ୍ଗୀତା ସିଂ କହିଛନ୍ତି। ଅପରପକ୍ଷେ ରାଜନୈତିକ ବିବାଦରୁ ୧୭ଟି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇ ପାରୁ ନ ଥିବା ଜଣାଯାଇଛି। ନରେନ୍ଦ୍ରପୁର ପଞ୍ଚାୟତର ଛତ୍ରପଦା-୨ କେନ୍ଦ୍ର ଗୃହ ଭାଙ୍ଗି ପଡ଼ିଥିବାରୁ ସେଠାରେ ନୂତନ ଗୃହ ନିର୍ମାଣର ଆବଶ୍ୟକତା ଦେଖାଦେଇଛି। ବାରସର ପଞ୍ଚାୟତର ଦାସସାହିରେ କେନ୍ଦ୍ର ନ ଥିବାରୁ ଅଙ୍ଗନୱାଡି କର୍ମୀ ଶିଶୁମାନଙ୍କୁ ନିଜ ଘରେ ଶିକ୍ଷାଦାନ କରୁଛନ୍ତି। ସେହିପରି ବୋଡ଼କ ପଞ୍ଚାୟତର ସାନଓରାଳି-୧ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୫ ବର୍ଷ ହେଲା ଗ୍ରେଟ ବିମ୍‌ରେ ସୀମିତ ରହିଛି। ସାହାପୁର ପଞ୍ଚାୟତର ହାବୁଡାସିଂ, ଫତେପୁର ପଞ୍ଚାୟତର ଫତେପୁର-୨ ଓ ବାରିକବିନ୍ଧା, ବାରୋ ପଞ୍ଚାୟତର ବାରୋ-୨, ତଳଗୋପବିନ୍ଧା ପଞ୍ଚାୟତର ତଳଗୋପ-୧, ଗୋବିନ୍ଦପୁର ପଞ୍ଚାୟତର କୃତିବାସପୁର-୨ ପ୍ରମୁଖ କେନ୍ଦ୍ରଗୁଡ଼ିକରେ ବିବାଦୀୟ ସ୍ଥିତି ଉପୁଜି ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ। ତେବେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ମୋଟ ୭ ଲକ୍ଷ ଟଙ୍କା ଅନୁଦାନ ମିଳୁଥିବା ବେଳେ ତନ୍ମଧ୍ୟରୁ ୫ ଲକ୍ଷ ଟଙ୍କା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ଶ୍ରମିକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଯାଉଥିବାରୁ ଠିକାଦାରଙ୍କ ପାଇଁ ଏହା ସମସ୍ୟାର କାରଣ ପାଲଟିଛି। ଏଣୁ ନିର୍ମାଣ କାର୍ଯ୍ୟ କରିବାକୁ କେହି ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି, ସେ ବିଡିଓ ଦାୟିତ୍ୱ ନେବା ପରେ ପ୍ରାୟ ୧୦୦ଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଇଛନ୍ତି। ଅନ୍ୟସବୁ କେନ୍ଦ୍ରର ଗୃହ କିପରି ନିର୍ମାଣ ହୋଇପାରିବ, ସେ ଦିଗରେ ପଦକ୍ଷେପ ନେବେ।

## ଚିନ୍ମୟ ଏସିଆନ ଟାଏକୋଣ୍ଡୋ ଜାତୀୟ ଦଳର କୋଚ୍

ଭଦ୍ରକ, ୧୪।୫ (ସନାତନ ରାଉତ)


ଚିନ୍ମୟ ବେହେରା।

ଭିଏତ୍‌ନାମର ଦାନାଙ୍ଗଠାରେ ଆୟୋଜିତ ଏସିଆନ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ଜାତୀୟ ଦଳର କୋଚ୍ ଭାବେ ଓଡ଼ିଶା ଟାଏକୋଣ୍ଡୋର ସମ୍ପାଦକ ଭଦ୍ରକ ଜିଲା ବନ୍ତ ବ୍ଲକର ଚିନ୍ମୟ ବେହେରା(୩୬) ମନୋନୀତ ହୋଇଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ପ୍ରତିଯୋଗିତା ହେବ। ୨୮ଜଣ ଖେଳାଳିଙ୍କ ସହ ୨ ଜଣ କୋଚ୍ ଭାରତରୁ ଭିଏତ୍‌ନାମ ଖେଳିବା ପାଇଁ ଯାଇଛନ୍ତି। ଚିନ୍ମୟ ଏହା ପୂର୍ବରୁ ଶ୍ରୀଲଙ୍କା ଓ ଦୁବାଇ ପ୍ରତିଯୋଗିତାରେ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଅଭିଜ୍ଞତା ଓ ପ୍ରଶିକ୍ଷଣ ଦ୍ୱାରା ଜାତୀୟ ଦଳ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଏହି ପ୍ରତିଯୋଗିତା ପାଇଁ ପୁନର୍ବାର କୋଚ୍ ଭାବେ ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚିନ୍ମୟ ଦୃଢ଼ ଆଶା ରଖିଥିବା କହିଛନ୍ତି।

## ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା


ଓମ୍‌ପ୍ରକାଶ ଗାହାଣ।


ସୌମ୍ୟଜିତ୍ ଉପାଧ୍ୟାୟ।


ଆରତି ସେଠୀ।

ଭଦ୍ରକ, ୧୪।୫(ସନାତନ ରାଉତ)

**ସିବିଏସ୍‌ଇ ଦଶମ ପରୀକ୍ଷାଫଳ**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଭଦ୍ରକ ବ୍ଲକ ଓଲଙ୍ଗ ଆଦର୍ଶ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା ହାସଲ କରିଛି। ଓମ୍ ପ୍ରକାଶ ଗାହାଣ ୯୪.୬୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ସୋମ୍ୟଜିତ ଉପାଧ୍ୟାୟ ୯୪ ପ୍ରତିଶତ ରଖି ଦ୍ୱିତୀୟ ଓ ଆରତି ସେଠୀ ୯୩.୮ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରିୟମ୍ବଦା ଗିରି ୯୨.୪ ପ୍ରତିଶତ, ପୁଷ୍ପରାଣୀ ଗାହାଣ ୯୨.୨, ଶୁଭ୍ରାଂଶୁ ମହାନ୍ତି ୯୧.୮, ସ୍ୱୟମ ଶ୍ରୀୟା ଦାସ ୯୧.୨ ଏବଂ ଜାଗୃତି ଯାଜ୍ଞସେନୀ ବାରିକ ୯୦ ପ୍ରତିଶତ ରଖି କୃତକାର୍ଯ୍ୟ ହୋଇଛନ୍ତି। ସମୁଦାୟ ୭୧ଜଣଙ୍କ ମଧ୍ୟରୁ ୮ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୨୨ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ନଜରା ବେଗମ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉ କି, ୨୦୧୯ ରୁ ଆରମ୍ଭ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚଳିତବର୍ଷ ପ୍ରଥମ ବ୍ୟାଚ୍ ଏହି ପରୀକ୍ଷା ଦେଇଥିଲେ।

## ଅନିଲ ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାପତି

ଧାମନଗର, ୧୪।୫ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବରିଷ୍ଠ ନାଗରିକ ପରିଷଦର ସଭାପତି ଶିକ୍ଷାବିତ୍ ଘଣ୍ଟେଶର ସାହୁଙ୍କ ବିୟୋଗ ପରେ ଏହି ପଦ ପାଇଁ ବରିଷ୍ଠ ଖବରଦାତା ଅନିଲ କୁମାର ବାରିକଙ୍କୁ ମନୋନୀତ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଡ. ଅବଦୁଲ କଲାମ ପାଠାଗାର ପରିସରରେ ଥିବା ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ କାର୍ଯ୍ୟକାରୀ କମିଟି ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅନିଲ କୁମାର ବାରିକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ବରିଷ୍ଠ ସଭ୍ୟ ବିଦ୍ୟାଧର ରାଉତଙ୍କ ପ୍ରସ୍ତାବ ଏବଂ ଭିକାରୀ ଚରଣ ବେହେରାଙ୍କ ସମର୍ଥନ ତଥା ସର୍ବସମ୍ମତିକ୍ରମେ ଅନିଲଙ୍କୁ ପରିଷଦର ସଭାପତି ମନୋନୀତ କରାଯାଇଥିଲା। ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ, ବିଦ୍ୟାଧର ରାଉତ, ରାମଚନ୍ଦ୍ର ସାହୁ, ସୁରଥ ଚନ୍ଦ୍ର ସେଠୀ, ବିଜୟ କୁମାର ଦାସ, ନରେନ୍ଦ୍ର କୁମାର ଦାସ, ସେକ୍ ଅବଦୁଲ ହାକିମ ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ରାମଚନ୍ଦ୍ର ସାହୁ ଓ ହୃଦାନନ୍ଦ କରଙ୍କୁ ସଙ୍ଗଠନ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ନରେନ୍ଦ୍ର ମଲ୍ଲିକ, ପ୍ରମୋଦ ନାୟକ, ଦଶରଥ ଦାସ, ଅଜୟ ମହାନ୍ତି ଓ ଅଭିମନ୍ୟୁ ମଲ୍ଲିକଙ୍କୁ ୫ଟି ଜୋନ୍‌ର ଉପସଭାପତି ଭାବେ ଘୋଷଣା କରାଯାଇଥିବା ବେଳେ ୫ ମଣ୍ଡଳ ସଂଯୋଜକଙ୍କୁ ମନୋନୀତ କରାଯିବାର ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର କାର୍ଯ୍ୟକାରୀ କମିଟି ପକ୍ଷରୁ ନୂତନ ସଭାପତି ବାରିକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବରିଷ୍ଠ ସଭ୍ୟ ପ୍ରହଲ୍ଲାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁସ୍ତକ 'ଜଙ୍ଗଲ ରାଜା ବାଘ ମାମୁଁ' ଉନ୍ମୋଚିତ



ଭଦ୍ରକ, ୧୪।୫ (ରବିନାରାୟଣ ଖିଲାର)

ଭଦ୍ରକ ଶହୀଦ ସ୍ମୃତି ଭବନଠାରେ ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଉଦ୍‌ଘାଟନ କରିଥିଲେ। ଗୀତିକାର, ପୂର୍ବତନ ପ୍ରଶାସନିକ ଅଧିକାରୀ ଡ. ଲିଙ୍ଗରାଜ ରଥ ମୁଖ୍ୟଅତିଥି, ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି, ଗୀତିକାର ଓ କଥାକାର ହଂସରାଜ ମୁଦୁଲି, ଶିକ୍ଷାବିତ୍ ଡ. ଶଶିଭୂଷଣ ବେହେରା, ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଅବନ୍ତୀ କର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୀତାରାଣୀ ଆଇଚଙ୍କ ସମ୍ପାଦନାରେ ଭଦ୍ରକରୁ ପ୍ରକାଶିତ ପୁସ୍ତକ 'ଜଙ୍ଗଲ ରାଜା ବାଘମାମୁଁ' ଓ ସ୍ୱରାଜବାର୍ତ୍ତାର ନୂତନ ସଂଖ୍ୟା ଉନ୍ମୋଚିତ ହୋଇଛି। ଉଦ୍‌ଘାଟକ, ଅତିଥିମାନଙ୍କ ସହ ପଣ୍ଡିତ ଦୈତାରି ମହାପାତ୍ର, ଡ. ରାମଚନ୍ଦ୍ର ପଣ୍ଡା, ଡ. ଗୋଲକ ବିହାରୀ ସାହୁ, ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଶିକ୍ଷାବିତ୍ ଗଦାଧର ପଣ୍ଡା, ପାଲାଗାୟକ ନିତ୍ୟାନନ୍ଦ ବାରିକ, ଆଧ୍ୟାତ୍ମିକ ବ୍ୟକ୍ତି ସତ୍ୟନାରାୟଣ ଦାସ, ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ସାହିତ୍ୟିକ ଶଶିକାନ୍ତ ବେହେରା, ସାହିତ୍ୟିକା ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସରୋଜିନୀ ଦେବୀ, ଗାଳ୍ପିକା ରେଣୁବାଳା ନାୟକ, ସାମାଜିକ କର୍ମୀ ମିତସ୍ମିତା ବଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ନୀହାର ରଞ୍ଜନ କର ସମ୍ପାଦକୀୟ, ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ଏବଂ ତେଜସ୍ୱିନୀ ମହିଳା ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତିଙ୍କ ପରିଚାଳନାରେ ମନମୋହନ ସଙ୍ଗୀତ ପରିଷଦର କଳାକାରମାନେ ସ୍ୱାଗତ ଓ ସ୍ମୃତି ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଦୀପାଳି ମିଶ୍ର ଓ କବି ନାରାୟଣ ଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ।

## ବିଜେଡିର ଶୋଭାଯାତ୍ରା

ଚାନ୍ଦବାଲି, ୧୪।୫(କିଷାନ ପାତ୍ର)

ଚାନ୍ଦବାଲି ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ନାମାଙ୍କନ ଦାଖଲ ପରେ ପ୍ରଚାର ଆରମ୍ଭ କରିଛନ୍ତି। ଚାନ୍ଦବାଲି ବ୍ଲକର ଭାଟପଡ଼ା ପଞ୍ଚାୟତରେ ବିଜେଡି ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ବ୍ଲକସ୍ତରୀୟ ନେତା ଓ ଶତାଧିକ ଯୁବକ ଏଥିରେ ସାମିଲ ହୋଇଥିଲେ। ବ୍ୟୋମକେଶ ଆଶୀର୍ବାଦ ଭିକ୍ଷା କରିବା ସହ ଯୋଡ଼ା ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଭାଟପଡ଼ା


ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ସହ ବିଜେଡି କର୍ମୀ।

ସରପଞ୍ଚଙ୍କ ପ୍ରତିନିଧି ତଥା ବ୍ଲକ ଯୁବ ସଭାପତି ପ୍ରଭାସ ନାୟକ, ବ୍ଲକ ସଭାପତି ଦ୍ୱିଜବର ରାଉତ, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ନରେଶ ମାଝୀ, ଶରତ ସାହୁ, ମାନସ ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ମଞ୍ଜୁଲତା ବାରିକ, ବିଷ୍ଣୁମୋହନ ନାୟକ, ନନ୍ଦକିଶୋର ସାହୁ, ଜଇନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶେଷଦିନରେ ୧୧ ପ୍ରାର୍ଥୀପତ୍ର ଦାଖଲ

ଭଦ୍ରକ, ୧୪।୫(ସନାତନ ରାଉତ)

ସାଧାରଣ ନିର୍ବାଚନ ପାଇଁ ଭଦ୍ରକ ଜିଲାରେ ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ମଙ୍ଗଳବାର ଥିବାବେଳେ ୧୧ଜଣ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ସୋମବାର ସୁଦ୍ଧା ପ୍ରମୁଖ ଦଳର ପ୍ରାର୍ଥୀମାନେ ଲୋକସଭା ଓ ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିସାରିଛନ୍ତି। ମଙ୍ଗଳବାର ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଲାଗି ଓଡ଼ିଶା ଜନତା ପାର୍ଟି ପକ୍ଷରୁ ବିଜୟ କୁମାର ମଲ୍ଲିକ ରିଟର୍ନିଂ ଅଫିସର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଭଦ୍ରକ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଓ ମହେନ୍ଦ୍ର ତିଆଡ଼ି, ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ରାଜେନ୍ଦ୍ର ଲେଙ୍କା ରିଟର୍ନି ଅଫିସର ଉପଜିଲାପାଳ ମନୋଜ ପାତ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବାସୁଦେବପୁର ବିଧାନସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀ ମାନସ ରଞ୍ଜନ ଜେନା, ଲକ୍ଷ୍ମୀକାନ୍ତ ପରିଡ଼ା, ବୀରେନ୍ଦ୍ର ଶିଅଳ ଓ ବହୁଜନ ସମାଜବାଦୀ ପାର୍ଟିରୁ ଭାଗବତ ମଲ୍ଲିକ ରିଟର୍ଣ୍ଣି ଅଫିସର ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ନିକଟରେ ନାମାଙ୍କନ ଭରିଛନ୍ତି। ସେହିପରି ଧାମନଗର ବିଧାନସଭା ଆସନ ସକାଶେ ସ୍ୱାଧୀନ ପ୍ରାର୍ଥୀ ଭାବେ ସରୋଜ କୁମାର ସେଠୀ, ପ୍ରସନ୍ନ କୁମାର ଦାସ ଓ ସଞ୍ଜୟ କୁମାର ଦାସ ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ରିଟର୍ଣ୍ଣି ଅଫିସର ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବୁଧବାର ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ ହେବ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ବାସୁଦେବପୁର, ୧୪।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବଜାରର ଯୁବ ବ୍ୟବସାୟୀ ତପି ମଲିକ(୩୨)ଙ୍କ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ବାସୁଦେବପୁର ପୌରପାଳିକା ଅଧୀନ ତେନ୍ତୁଳିଆ ଗ୍ରାମର ଶଶୀକାନ୍ତ ମଲିକଙ୍କ ପୁଅ ତପି ମସ୍ତିଷ୍କଜନିତ ରୋଗରେ ଆକ୍ରାନ୍ତ ଥିଲେ। ସେ ଜଣେ ମେଳାପି, ଯୁବ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ପରେ ବାସୁଦେବପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ବିଶ୍ୱାସ ବିକାଶର ଚାବିକାଠି'

### ବିଜେଡିର କର୍ମୀ ସମ୍ମିଳନୀ, ଆଶୀର୍ବାଦ ସମାବେଶ

ବାସୁଦେବପୁର, ୧୪।୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ସହ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ଭୋଟ ଭିକ୍ଷା କରିଥିଲେ। ବିଶ୍ୱାସ ଓ ଭଲପାଇବା ହିଁ ବିକାଶର ଚାବିକାଠି ବୋଲି ସେ କହିବା ସହ ଆଗାମୀ ନିର୍ବାଚନରେ ତାଙ୍କୁ ପୁଣିଥରେ ଭୋଟରମାନେ ଆଶୀର୍ବାଦ ଦେଇ ଜିତାଇବା ଓ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ସ୍ୱାଭିମାନର ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସମିତିସଭ୍ୟ ରମାକାନ୍ତ ଦାସ, ପୂର୍ବତନ ସରପଞ୍ଚ ପଦ୍ମାବତୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ରତିକାନ୍ତ ବାରିକ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାବେଶରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ବ୍ରାହ୍ମଣଗାଁରେ ପୂର୍ବତନ ସରପଞ୍ଚ ହରିହର ଶିଅଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂକଳ୍ପ ସମାବେଶରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ଉଦ୍‌ବୋଧନ ଦେଇଥିଲେ।

## ଗଣତନ୍ତ୍ର ମହାପର୍ବରେ ସମସ୍ତ ଭୋଟର ସାମିଲ ହେବାକୁ ଆହ୍ୱାନ

ଭଦ୍ରକ, ୧୪।୫(ସନାତନ ରାଉତ)



ବୁଦ୍ଧିଜୀବୀ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭାରତ ବିକାଶ ପରିଷଦର ଭଦ୍ରକ ଶାଖା ଓ ପ୍ରଜ୍ଞା ପ୍ରବାହର ମିଳିତ ଆନୁକୂଲ୍ୟରେ ବୁଦ୍ଧିଜୀବୀ ସମ୍ମିଳନୀ ତଥା 'ଗଣତନ୍ତ୍ର ମହାପର୍ବ-ଆମର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସହର ବନ୍ତ ଛକ ସିଟି ରେସିଡେନ୍ସି ହୋଟେଲ ସମ୍ମିଳନୀ କକ୍ଷରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ମହର୍ଷି ମହାବିଦ୍ୟାଳୟର ପ୍ରାଧ୍ୟାପକ ଗୋପାଳ ମହାପାତ୍ର ଏବଂ ପ୍ରଜ୍ଞା ପ୍ରବାହର ଅଧ୍ୟକ୍ଷ ଗୋବର୍ଦ୍ଧନ ସାମଲ ଯୋଗଦେଇ ରାଷ୍ଟ୍ର ଗଠନରେ ଗଣତନ୍ତ୍ରର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମସ୍ତ ଭୋଟର ଏହି ମହାପର୍ବରେ ସାମିଲ ହୋଇ ରାଷ୍ଟ୍ର ଗଠନରେ ନିଜର ଯୋଗଦାନ ଦେବା ସହ ଗଣତନ୍ତ୍ରକୁ ମଜଭୁତ କରିବାରେ ଭାଗୀଦାରୀ ହେବାକୁ ଆହ୍ୱାନ ଦେଇଥିଲେ। ଡ. ନୀଳକଣ୍ଠ ପଣ୍ଡା, ରବିନାରାୟଣ ପଣ୍ଡା, ବିଭୁକଲ୍ୟାଣ ସ୍ୱାଇଁ, ବିକାଶ ପରିଷଦ ସମ୍ପାଦକ ପ୍ରଦୀପ ପୁହାଣ, ସଞ୍ଜୟ ରାଉତ, ଦିଲୀପ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମହିଳା ଯୋଗ ଦେଇଥିଲେ।

## କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ

ଚାନ୍ଦବାଲି, ୧୪।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବୈଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର ଓ ବରିଷ୍ଠ ନେତା ଦିଗମ୍ବର ଦାସ ଯୋଗ ଦେଇଥିଲେ। ବିଜେଡି ଓ ଭାଜପା ଛାଡ଼ି ୫୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ଗଣମାଧ୍ୟମ ବିଭାଗ ସମ୍ପାଦକ ଇଂ. ତନ୍ମୟ ବିଶ୍ୱାଳ, ବ୍ଲକ ସଭାନେତ୍ରୀ ଶୁଭଲକ୍ଷ୍ମୀ ପାଢ଼ୀ, ଦେବପ୍ରସାଦ ଖଟୁଆ, ନରେନ୍ଦ୍ର ବିଶ୍ୱାଳ, ଅଭିମନ୍ୟୁ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଘର ବୁଲି ନିରଞ୍ଜନଙ୍କ ପ୍ରଚାର

ବନ୍ତ, ୧୪।୫(ହରି ନାରାୟଣ ମହାନ୍ତି)


କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କ ସହ ପ୍ରଚାର କରୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ଘର ଘର ବୁଲି ପ୍ରଚାର ଜୋରଦାର କରିଛନ୍ତି। ମଙ୍ଗଳବାର ବନ୍ତ ପଞ୍ଚାୟତ ରଘୁନାଥପୁର ତାରିଣୀ ମନ୍ଦିରରୁ ପୂଜାର୍ଚ୍ଚନା କରିବା ପରେ ସେ ରଘୁନାଥପୁର, ନରସିଂହପୁର, ଚାଇଁପୁର, ଶ୍ରୀବନ୍ତପୁର, ଧନିଓଝା ଆଦି ଗ୍ରାମ ପରିକ୍ରମା କରି ଲୋକଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ସହ ନିର୍ବାଚନରେ ତାଙ୍କୁ ବିଜୟୀ କରିବାକୁ ନିବେଦନ କରିଛନ୍ତି। ଏଥିସହ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝି ଆଗାମୀ ଦିନରେ ସେସବୁକୁ ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ପ୍ରଚାର ବେଳେ ତାଙ୍କ ସହ ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ସରପଞ୍ଚ ମାନସୀରାଣୀ ରାଉତ, ଜ୍ୟୋତି ରଞ୍ଜନ ନାୟକ, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ସନାତନ ସେଠୀ, ଧର୍ମେନ୍ଦ୍ର ସାହୁ, ଭାଗୀରଥି ସେଠୀ, ନରେନ୍ଦ୍ର ସେଠୀ, ସନ୍ତୋଷ ସ୍ୱାଇଁ, ୱାର୍ଡସଭ୍ୟା ସସ୍ମିତା ପରିଡ଼ା, ଜ୍ୟୋତି ରଞ୍ଜନ ଦାସ, ହୃଦାନନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରଙ୍କଠାରୁ ୧ ଲକ୍ଷ ଜବତ

ହାଟଡିହୀ,୧୪।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ସୋସୋ ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍‌ଅଧିକାରୀମାନେ ସୀମାନ୍ତ ଅଞ୍ଚଳ କାନପୁରଠାରେ ଚେକିଂ କରୁଥିଲା ବେଳେ ଏକ ପିକ୍‌ଅପ୍ ଭ୍ୟାନ ଡ୍ରାଇଭରଙ୍କଠାରୁ ୧ଲକ୍ଷ ଟଙ୍କା ଜବତ କରିଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସୋସୋ ଏବଂ ଭଦ୍ରକ ଜିଲା ଆଗରପଡା ଥାନା ପରସ୍ପରକୁ ସଂଲଗ୍ନ କରୁଛି। ନିର୍ବାଚନକୁ ଆଖି ଆଗରେ ରଖି ଏହି ଦୁଇ ଥାନା ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଆଗରପଡ଼ାରୁ ସୋସୋ ଥାନା ଅଞ୍ଚଳକୁ ଯାଇ ପରିବା ବିକ୍ରି ସାରି ଫେରୁଥିବା ଏକ ପିକଅପ୍ ଭ୍ୟାନ୍‌କୁ ଅଧିକରୀମାନେ ଯାଞ୍ଚ କରିବା ବେଳେ ଡ୍ରାଇଭରଙ୍କଠାରୁ ୧ ଲକ୍ଷ ଟଙ୍କା ଜବତ କରିଥିଲେ। ସୋସୋ ଥାନା ଅଧିକାରୀ ତଦନ୍ତ ଜାରି ରଖିଥିବା ବେଳେ ଏହା ପରିବା ବିକ୍ରି ଟଙ୍କା ବୋଲି ଅନୁମାନ କରାଯାଉଛି।

### ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

କେନ୍ଦୁଝର,୧୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ନିର୍ବାଚନ ଆଚରଣ ବିଧି ଉଲ୍ଲଘନ ହୋଇଥିବା ନେଇ ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ବିରୋଧରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଶାଲ ସିଂଙ୍କ ନିକଟରେ ଅଭିଯୋଗ ହୋଇଛି। ଆଦର୍ଶ ଆଚରଣ ବିଧି ଲାଗୁ ସମୟରେ ବିଡିଓ ବଳ ଚିଠି ନଂ.୧୬୪୧/ତା ୯।୪।୨୪ରେ ଜଣେ ପ୍ରୋମୋଟିଭ ସହକାରୀ ଯନ୍ତ୍ରୀଙ୍କୁ ଜିପି (ଗ୍ରାମ ପଞ୍ଚାୟତ) ଆବଣ୍ଟନ ଆଦେଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦ ରାଜ୍ୟ କ୍ୟାଡର ହୋଇଥିବାରୁ ବିଡିଓଙ୍କ ଏଭଳି ଅର୍ଡର କରିବାର ଅଧିକାର ନାହିଁ। ଏଭଳି ଅର୍ଡର କପି ଜିଲାପାଳଙ୍କୁ ନ ଦେଇ ନିଜ ସ୍ତରରେ କରିଛନ୍ତି। ସେହିପରି କୌଣସି ବ୍ଲକରେ ୩୦ ବା ତଦୂର୍ଦ୍ଧ ପଞ୍ଚାୟତ ଥିଲେ ୨ ଜଣ ଏଇଇ ନିଯୁକ୍ତି ପାଇବା କଥା। କିନ୍ତୁ ଚମ୍ପୁଆ ବ୍ଲକରେ ୩୦ରୁ କମ୍ ପଞ୍ଚାୟତ ଥିବାବେଳେ କିଭଳି ୨ଜଣ ଏଇଇ ନିୟୋଜିତ କରାଯାଇଛି ଓ ଜଣେ ସେଭଳି ସମ୍ପୂର୍ଣ ପୋଷ୍ଟିଂ ଅର୍ଡର ପାଇ ନ ଥିବା ଯନ୍ତ୍ରୀଙ୍କୁ ଚେକ୍ ମେକରମେଣ୍ଟ ଦାୟିତ୍ୱ ଦେଇଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ମୁକ୍ତାର ଅହମ୍ମଦ ରାଇନା ଦାବି କରିଛନ୍ତି । ଦାୟିତ୍ୱ ଦିଆଯାଇଥିବା ଉକ୍ତ ଏଇଇଙ୍କ ନାମରେ କୌଣସି କେସ ଥିବାରୁ ସରକାର ଡିଟେଲ ପୋଷ୍ଟିଂ ଅର୍ଡର ଦେଇନାହାଁନ୍ତି। ତେଣୁ ଏଭଳି ପରିପ୍ରେକ୍ଷୀରେ ନିର୍ବାଚନ ଆଦଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଚମ୍ପୁଆ ବିଡିଓ କିପରି ଉକ୍ତ ଏଇଇଙ୍କୁ କାମରେ ନିୟୋଜିତ କଲେ ତାହାର ତଦନ୍ତ ପାଇଁ ଦାବି ହେଉଛି।

### କୁକୁର ଆକ୍ରମଣରେ ହରିଣ ମୃତ

ପାଟଣା, ୧୪।୫ (ବୀର କିଶୋର ଦାଶ)

ସାହାରପଡ଼ା ସେକ୍ସନ ମାଛଗଡ ନର୍ଥ ବିଟ୍ ଅନ୍ତର୍ଗତ ବେଲସରେଇ ଗ୍ରାମର ପ୍ରଭାକର ମହାନ୍ତଙ୍କ ବଗିଚାରୁ ମଙ୍ଗଳବାର ଭୋର ସମୟରେ ଉଦ୍ଧାର ହୋଇଥିବା ଆହତ ହରିଣର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ରାତିରେ ହରିଣଟି ଗାଁ ଭିତରକୁ ଚାଲି ଆସିଥିବା ବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲା। ବନ ବିଭାଗ ଆହତ ହରିଣକୁ ବଡ଼ବିଲ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଉଥିବା ବେଳେ ମୃତ୍ୟୁ ଘଟିଥିଲା।

# ଖଣି ଅଞ୍ଚଳରେ ଦାଦନ ଦୁଃଖ

ଯୋଡ଼ା,୧୪।୫(ମାନସ ମହାନ୍ତି)

ଖଣି, ଖାଦାନ ଭରା କେନ୍ଦୁଝର ଜିଲାରେ ଦାଦନ ସମସ୍ୟା ଚିନ୍ତାର କାରଣ ହୋଇଛି। ପେଟପାଟଣା ପାଇଁ ତାମିଲନାଡୁର ଚେନ୍ନାଇ ସହରକୁ ଦାଦନ ଖଟିବାକୁ ଯାଇଥିବା ଯୋଡ଼ା ସହର ଅଞ୍ଚଳର କେତେଜଣ ଶ୍ରମିକ ବନ୍ଦୀ ଜୀବନ ବିତାଉଛନ୍ତି। ସେଠାରେ ସେମାନଙ୍କୁ ଗୋଟିଏ ଓଳି ଖାଦ୍ୟ ଦିଆଯାଉଛି। ପ୍ରତିବାଦ କଲେ ମାଡ଼ମାରି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଯୋଡ଼ା ସହରର ସୁନା ନଦୀ ଅବବାହିକାରେ ଥିବା ଭୂୟାଁରୋଇଡ଼ା ପଞ୍ଚାୟତର କ୍ୟାମ୍ପ ହଟିଂର ମାନସୀ ନାଗ, ଚାନ୍ଦୁ କାରୂଆ, ଦାଦନ ଖଟି ଯାଇଥିବା ସ୍ୱାମୀଙ୍କ ଅପେକ୍ଷାରେ ରହିଥିବା ବେଳେ ଅଷ୍ଟମ ଶ୍ରେଣୀରେ ପଢୁଥିବା କଳାଠାକୁର କାରୁଆଙ୍କ ମା' ସରସ୍ୱତୀ ପୁଅର ଫେରିବା ବାଟକୁ ଚାହିଁ ଆଖିର ଲୁହ ଶୁଖାଇ ସାରିଲେଣି। ସେହିପରି ଜର୍ଜ ନାଏକଙ୍କ ମା' ସୁନୀତା ନାଏକ ରୋଗ ଶଯ୍ୟାରେ ପଡ଼ି ପୁଅକୁ ଝୁରୁଛନ୍ତି। ସମସ୍ତଙ୍କ ଅଭିଯୋଗ ଏଠାରେ ଥିବା ଖଣି ଖାଦାନରେ କାମ ମିଳୁ ନ ଥିବାରୁ ଦଲାଲ ହାବୁଡ଼ରେ ପଡ଼ି ବାହାର ରାଜ୍ୟକୁ ଯାଉଛନ୍ତି। କ୍ୟାମ୍ପ ହଟିଂରୁ ଅଭିରାମ ନାଗ, ସଚିନ କାରୁଆ, କଳା ଠାକୁର କାରୁଆ, ବୁଧୁରାମ ସାମାଡ, ଜର୍ଜ ନାଏକ ତାମିଲନାଡୁର ଚେନ୍ନାଇ ସହରକୁ ଦାଦନ ଖଟିବାକୁ ଯାଇଥିବା ଥିବା ତାଙ୍କ ପରିବାର ଲୋକ ପ୍ରକାଶ କରିଛନ୍ତି। ସେମାନେ ନେଇଥିବା ମୋବାଇଲ ଫୋନଗୁଡ଼ିକୁ ଚେନ୍ନାଇର ଦାଦନ ଶ୍ରମିକଙ୍କୁ ନିୟୋଜିତ କରିଥିବା ଠିକା ସଂସ୍ଥା ଛଡ଼ାଇ ନେଇ ଯାଇଥିବା ବେଳେ ଲୁଚି ଛପି ଲୁଚାଇ ରଖିଥିବା ଗୋଟିଏ ଫୋନରୁ ସେମାନେ ଘର ସହିତ ଯୋଗାଯୋଗ କରୁଛନ୍ତି। ଫୋନ ମାଧ୍ୟମରେ ସେମାନେ ଜଣାଇଛନ୍ତି ଯେ, ସେମାନଙ୍କୁ ଏକ ସିମେଣ୍ଟ ଗୋଦାମରେ ଗୋଟିଏ ଓଳି ଖାଦ୍ୟ ଦେଇ ବନ୍ଦୀ ଭଳି ରଖି ଦିନରାତି ସିମେଣ୍ଟ ଧଳେଇ କାର୍ଯ୍ୟ କରାଉଛନ୍ତି। ପ୍ରତିବାଦ କଲେ ମାଡ଼ମାରି ନିର୍ଯାତନା ଦିଆଯାଉଛି। ସେମାନଙ୍କୁ ସେଠାରୁ ଉଦ୍ଧାର ନ କଲେ ତାଙ୍କର ମୃତଦେହ ଫେରିବ ବୋଲି ଫୋନ ମାଧ୍ୟମରେ ତାଙ୍କ ଘର ଲୋକଙ୍କୁ କହିଥିବା ପରିବାର ଲୋକେ କହିଛନ୍ତି। ଆଗାମୀ ୨୫ ତାରିଖରେ ସାଧାରଣ ନିର୍ବାଚନ ଥିବାରୁ ସେମାନଙ୍କୁ ଶୀଘ୍ର ଫେରାଇ ଆଣିବାକୁ ପରିବାର ଲୋକେ କହିଛନ୍ତି। ତେଣେ ଏହି ଯୁବକମାନଙ୍କୁ ପଠାଇଥିବା ଯୋଡା ଉଳିହଟିଂର ଜଣେ ଯୁବକଙ୍କ ଘରକୁ ଯାଇ ଦାଦନ ଖଟିବାକୁ ଯାଇଥିବା ପରିବାରର ଚାନ୍ଦୁ କରୁଆ କାକୁତି ମିନତି ହୋଇଥିଲେ ମଧ୍ୟ ସେଠାରୁ ତାଙ୍କୁ ଗାଳି ଗୁଲଜ କରି ଫେରାଇ ଦିଆଯାଇଥିବା ଚାନ୍ଦୁ ଅଭିଯୋଗ କରିଛନ୍ତି। ଦାଦନ ଖଟି ଯାଇଥିବା ପରିବାର ବର୍ଗଙ୍କ ପକ୍ଷରୁ ସ୍ଥାନୀୟ ରୁଗୁଡ଼ି ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ଗୋଟିଏ ପଟେ ଖଣିଜ ପ୍ରାଚୁର୍ଯ୍ୟ ଅନ୍ୟ ପଟେ ଦାରିଦ୍ର୍ୟର କଷଣରେ ଖଣି ଉପତ୍ୟକାର ଗରିବ ଶ୍ରମିକ ଶ୍ରେଣୀ ନିଷ୍ପେସିତ ହେଉଛନ୍ତି। ଯେଉଁ ଖଣି କ୍ଷେତ୍ରରୁ ରାଜ୍ୟ ରାଜକୋଷକୁ ୨୧ହଜାର କୋଟି ରାଜସ୍ୱ ଯାଉଛି, ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ ଜରିଆରେ ବାର୍ଷିକ ୧୫୦୦ କୋଟି ଟଙ୍କା ଆଦାୟ ହେଉଛି,ସେଠାରେ ଅର୍ଥ ଥାଇ ମଧ୍ୟ ଦାରିଦ୍ର୍ୟତା ଏକ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଛି। ପରିବାର ଲୋକେ ଖବରଦାତାମାନଙ୍କୁ ପରିବାରର ସଦସ୍ୟ ମାନଙ୍କୁ ଫେରାଇ ଆଣିବା ପାଇଁ ଆକୁଳ ନିବେଦନ କରିଛନ୍ତି।

## ହସ୍ତୀ ଅଭୟାରଣ୍ୟରେ ମଦ କାରବାର



ପୋଲିସ କର୍ମଚାରୀ ମଦ ଜବତ କରୁଛନ୍ତି।

ହାଟଡିହୀ(ଶୁଭକାନ୍ତ ନାୟକ/ ପାର୍ଥସାରଥୀ ସା)/ ସୋସୋ(ସତ୍ୟବ୍ରତ ଜେନା)/ ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ/ ସୁଶାନ୍ତ କୁମାର ସାହୁ),୧୪।୫

- ୩୫୦ ଲିଟର ଦେଶୀ ମହୁଲି ମଦ ଜବତ
- ୮ ହଜାର ଲିଟର ପୋଚ ନଷ୍ଟ

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ଅଧୀନ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ମଦ କାରବାରର ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମହୁଲି ମଦ ଜବତ କରିଛି। ଆନନ୍ଦପୁର ଉପଖଣ୍ଡ ଡିଏସ୍‌ପି ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସକୁ ଏହି ସଫଳତା ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଡିଏସ୍‌ପି ବେହେରା ହାଟଡିହୀ ବ୍ଲକ ସୋସୋ ଏବଂ ନନ୍ଦିପଦା ଥାନା ଅଞ୍ଚଳରେ ଚଢ଼ାଉ କରିଥିଲେ। ସୋସୋ ଥାନା ଅଧୀନ ହଦଗଡ଼ ହସ୍ତୀ ଅଭୟାରଣ୍ୟର ସୁନ୍ଦରାପାଳ, ସଙ୍ଗମ, ଅନ୍ଧାରି ପ୍ରମୁଖ ତିନୋଟି ସ୍ଥାନରେ ଦେଶୀ ମହୁଲି ମଦ ପ୍ରସ୍ତୁତ ଆଡ୍ଡା ଠାବ କରିଥିଲେ। ତେବେ ଚଢ଼ାଉ ଖବର ପାଇ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ୩ଟି ସ୍ଥାନରୁ ୮ ହଜାର ଲିଟର ମହୁଲ ପୋଚ ଜବତ ସହ ନଷ୍ଟ କରାଯାଇଛି। ୩୫୦ ଲିଟର ଦେଶୀ ମହୁଲି ମଦ ମଧ୍ୟ ଜବତ ହୋଇଛି। ଡିଏସ୍‌ପି ବେହେରାଙ୍କ ସହ ସୋସୋ ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଚଢ଼ାଉରେ ସାମିଲ ଥିଲେ। ଏନେଇ ସୋସୋ ଥାନାରେ ୧୧୫/୨୪,୧୧୬/୨୪ ଓ ୧୧୭/୨୪ରେ ୩ଟି ମାମଲା ରୁଜୁ ହୋଇଛି।

## ସ୍ମୃତିସଭା, ସ୍ମରଣିକା ଉନ୍ମୋଚନ

ହାଟଡିହୀ,୧୪।୫(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)

ଓଡ଼ିଶା ପୋଷ୍ଟର ବରିଷ୍ଠ ସହ ସମ୍ପାଦକ ରତନ କୁମାର ପ୍ରଧାନଙ୍କ ମା' ସ୍ୱର୍ଗତ ତୁଳସୀ ପ୍ରଧାନଙ୍କ ଉଦେଶ୍ୟରେ ଏକ ସ୍ମୃତି ସଭା କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଓରାଳୀଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ମେଳା ଆୟୋଜନ ସହ ସ୍ମରଣିକା ଏବଂ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ମହିମା ଧର୍ମର ସାଧୁ ଭାବଗ୍ରାହୀ ଦାସ, ମଦନ ଦାସ, ମୋହନ ଦାସ, ପୂର୍ଣଚନ୍ଦ୍ର ରାଉତ ତଥା ଭକ୍ତମାନଙ୍କ ସହଯୋଗରେ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ, ଯଜ୍ଞ, ମହିମା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ମୃତିସଭାରେ ପୂର୍ବତନ ହାଟଡିହୀ ବ୍ଲକ ଶିକ୍ଷା ଜିଲା ଅଧିକାରୀ ଧନେଶ୍ୱର ଖଣ୍ଡେଇ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପ୍ରଧାନ ସଂଯୋଜନା କରିଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ସ୍ମୃତି ସଭାକୁ ବାଇଧର ମୁନି ଉଦ୍‌ଘାଟନ କରିଥିଲେ। ଅଲ୍‌ଓଷ୍ଟା ସଭାପତି ଅଭୟ କୁମାର ଜେନା, ରାଜ୍ୟ ସଂଘ ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଶାସିନୀ, ମୁଖ୍ୟ ବକ୍ତା ନାରାୟଣ ଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ଦୀନବନ୍ଧୁ ପତି, ରାମଚନ୍ଦ୍ର ମହାନ୍ତି, ବିଜୟ ଜେନା, ରତ୍ନାକର ପଣ୍ଡା, ଆଲୋକ ପ୍ରଧାନ, ଉମେଶ ସାହୁ, ମିନତୀ ନାୟକ, ସାବିତ୍ରୀ ପ୍ରଧାନ, ଉଗ୍ରସେନ ନାୟକ, ଅଲେଖ ପରିଡା, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ସ୍ମୃତିରେ ତୁଳସୀ' ସ୍ମରଣିକା ଉନ୍ମୋଚନ ହୋଇଥିଲା। ବଡ଼ପୁଅ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଭିମନ୍ୟୁ ପ୍ରଧାନ, ଆରତୀ ପ୍ରଧାନ, ମଞ୍ଜୁଲତା ପ୍ରଧାନ, ଚିତ୍ତରଞ୍ଜନ ନାୟକ, ଆନନ୍ଦ ନାୟକ ପ୍ରମୁଖ ପରିବାର ବର୍ଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡିଏଭି ଓମ୍‌ସି ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା

ଯୋଡ଼ା, ୧୪।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଜିଲିଙ୍ଗସ୍ଥ ଡିଏଭି ଓମ୍‌ସି ପବ୍ଲିକ ସ୍କୁଲ ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ସ୍କୁଲ ଛାତ୍ର ସ୍ୱସ୍ତିକ ମହନ୍ତ ୯୮ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଥିବା ବେଳେ ପ୍ରଭୁକଲ୍ୟାଣ ସାହୁ ୯୫ ପ୍ରତିଶତ ନମ୍ବର ରଖି ଦିତୀୟ ଓ ପ୍ରକୃତି ସାମନ୍ତରାୟ ୯୩.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ୫ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ ନମ୍ବର ରଖିଛନ୍ତି। ସ୍କୁଲର ଦୁଇଜଣ ଛାତ୍ର ଗଣିତରେ ଶତ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ପରିଚାଳନା ସମିତି ଅଧକ୍ଷା ତଲତ୍ ଆଫ୍ରିନ, ଡିଏଭି 'ଜୋନ ଇ' ଉପ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ମ୍ୟାନେଜର ଇପ୍ସିତା ଦାସ, ଓମ୍‌ସି ଖଣି ମଣ୍ଡଳର ଅବନୀକାନ୍ତ ପ୍ରଧାନ, ଅଧକ୍ଷ ସୌମେନ୍ଦ୍ର ନାୟକ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କେରଳା ଇଂଲିଶ ମାଧ୍ୟମ ସ୍କୁଲର ସଫଳତା



ଦଶମ ଶ୍ରେଣୀରେ କୃତୀ ଆଦିତ୍ୟ ମହାନ୍ତ, ସମୃଦ୍ଧି ଗିରି, ଦେବାନ୍ସୀ ମିଶ୍ର ଓ ଜୋହା ନୁର।

ଚମ୍ପୁଆ,୧୪।୫(ମହେଶ୍ୱର ଦାସ)

**ଦଶମ, ଦ୍ୱାଦଶ ପରୀକ୍ଷା**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ କେରଳା ଇଂଲିଶ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ମୋଟ ୨୧୬ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୨ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୫୪ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଉପରେ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଦିତ୍ୟ ମହାନ୍ତ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ସମୃଦ୍ଧି ଗିରି ୯୪.୨ ପ୍ରତିଶତ, ଦେବାନ୍ସୀ ମିଶ୍ର ୯୪ ପ୍ରତିଶତ ଏବଂ ଜୋହା ନୁର ୯୪ ପ୍ରତିଶତ ନମ୍ବର ରଖିଛନ୍ତି।

ସେହିପରି ଦ୍ୱାଦଶ ବିଜ୍ଞାନରେ ୮୪ ପ୍ରତିଶତ ପାସ୍‌ହାର ହୋଇଥିବା ବେଳେ ଛାତ୍ରୀ ଅନିଶା କାଶ୍ୟପ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଜ୍ଞାନରେ ମୋଟ ୮୬ଜଣ ପରୀକ୍ଷା ଦେଇଥିଲେ। ୯୦ ପ୍ରତିଶତ ଉପରେ ଜଣେ, ୮୦ ପ୍ରତିଶତ ଉପରେ ୯ଜଣ ଏବଂ ୭୦ ପ୍ରତିଶତ ଉପରେ ୨୧ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ମୋଟ ୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୮୦ ପ୍ରତିଶତ ଉପରେ ଜଣେ ଓ ୭୦ ପ୍ରତିଶତ ଉପରେ ୩ଜଣ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ଡାଇରେକ୍ଟର ଡ. ରାଜମୋହନ ପି.ଏସ୍, ସମ୍ପାଦିକା ଉମା ରାଜମୋହନ, ବିଦ୍ୟାଳୟ ପରିଚାଳକ କେ.ଏସ୍. ମୁରଲୀଧରନ, କାର୍ଯ୍ୟାଳୟ ପ୍ରମୁଖ ଦୈତାରୀ ସାହୁ, ଅଧକ୍ଷ ବି.କେ.ଭାରତୀ ଏବଂ କଲେଜ ଅଧକ୍ଷ ଡ. ଇ. ରାମାରାଜୁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜଳ ସମସ୍ୟାର ହେଲା ସମାଧାନ

କେନ୍ଦୁଝର,୧୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

'ନିଜସ୍ୱ ଖର୍ଚ୍ଚରେ ଜଳ ଯୋଗାଉଛନ୍ତି ମନ୍ମଥ' ଶୀର୍ଷକ ଖବର ଧରିତ୍ରୀରେ ୨୨ ଅପ୍ରେଲରେ ପ୍ରକାଶ ପାଇବା ପରେ ଘଷିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ବଡପଦନା ଗ୍ରାମରେ ଜଳ ସମସ୍ୟା ସମାଧାନ ହୋଇଛି । ଏଠାରେ ଥିବା ଜଳ ସମସ୍ୟା ଦୂର କରିବାକୁ ଜଣେ ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ମନ୍ମଥ ମହାରଣା (୫୦) ନିଜ ଖର୍ଚ୍ଚରେ ୯ନଂ. ୱାର୍ଡରେ ୨୨୦୦ ଲୋକଙ୍କ ପାଇଁ ଥିବା ପାଣି ସମସ୍ୟା ଦୂର କରିବାକୁ ଉଦ୍ୟମ କରିଥିଲେ। ପାଇପ୍ ଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥା ରହିଛି କିନ୍ତୁ ପାଣି ଆସୁ ନ ଥିବାରୁ ମହିଳାମାନେ ବହୁ ଅସୁବିଧା ଭୋଗୁଥିଲେ। ସେମାନଙ୍କ ସମସ୍ୟାକୁ ଦେଖି ମନ୍ମଥ ନିଜ ଖର୍ଚ୍ଚରେ ପମ୍ପ ଜରିଆରେ କୂଅରୁ ପାଣି ଉଠାଇ ଯୋଗାଇଥିଲେ। ଏହି ଖବର କ୍ଲିପ୍‌କୁ ସାମାଜିକ କର୍ମୀ ବିକ୍ରମ କେଶରୀ ମହାନ୍ତ ଟ୍ୱିଟ କରି ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାନୀୟଜଳ ଯୋଗାଣ ବିଭାଗ, ମୁଖ୍ୟମନ୍ତ୍ରୀ, ମୋ ସରକାର ସମେତ ଅନ୍ୟମାନଙ୍କୁ ଜଣାଇ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହାର ଉତ୍ତର ଦେଇ ଆନନ୍ଦପୁର ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ ସହ ଘଟଣା ସ୍ଥଳକୁ ଯନ୍ତ୍ରୀ ଯାଇ ଅନୁଧ୍ୟାନ କରି ସମାଧାନ କରିଥିବା ସୂଚିତ କରିଛନ୍ତି। ବଡ଼ପଦନା ଗ୍ରାମରେ ପାଇପ ଲାଇନ ପାଣି ବ୍ୟବସ୍ଥା କରାଯାଇଛି। ପଞ୍ଚାୟତ ରାସ୍ତା ନିର୍ମାଣ ଯୋଗୁ ପାଇପ ଲାଇନ ନଷ୍ଟ ହୋଇଯାଇଥିଲା। ଏହାର ମରାମତି ପରେ ପାଣି ପାଇପ୍‌ରେ ଯୋଗାଣ ହୋଇଥିବା ଟ୍ୱିଟ୍‌ରେ ସୂଚନା ଦେଇଛନ୍ତି। ନେଇ କେତେକ ଫଟୋ ମଧ୍ୟ ଅପଲୋଡ କରିଛନ୍ତି। ପାଣିପାଇ ସ୍ଥାନୀୟ ମହିଳାମାନେ ବେଶ୍ ଖୁସି ହୋଇଛନ୍ତି।

## କାଞ୍ଜିପାଣି ଘାଟିରେ ପୁଣି ଦୁର୍ଘଟଣା

### ଅଟୋ ଓଲଟି ୩ ଗୁରୁତର

କେନ୍ଦୁଝର, ୧୪।୫(ଦୀପକ ମିଶ୍ର)

ତେଲକୋଇ-କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତାର କାଞ୍ଜିପାଣି ଘାଟିରେ ମଙ୍ଗଳବାର ପୁଣି ଦୁର୍ଘଟଣା ଘଟିଛି। ଏକ ଯାତ୍ରୀ ବାହି ଅଟୋ ଓଲଟି ୩ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ କେନ୍ଦୁଝର ପଦ୍ମପୁର ସେଣ୍ଡକାପ ଗ୍ରାମର ମୀନ ମହାନ୍ତ, ଜିତେନ୍ଦ୍ର ପତ୍ର ଏବଂ ତୁରୁମୁଙ୍ଗା ଚିଲିଦା ଅଞ୍ଚଳର କ୍ରିଷ୍ଣା ରାଣୀ ମହାନ୍ତ। ଆହତ ହେଲେ ସେଣ୍ଡକାପ ଗ୍ରାମର ଓଜାସ୍ୱିତା ମହାନ୍ତ। ସମସ୍ତଙ୍କୁ ପ୍ରଥମେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାଡି ଚାଳକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। କାଞ୍ଜିପାଣି ପୋଲିସ ତଦନ୍ତ ଜାରି ରଖିଛି।

## ଶାଳବଣି-ବିରିଡିହା ରାସ୍ତା

## ବର୍ଷେ ପୂରିନି, ପିଚୁ ଉଠିଗଲାଣି

ଆନନ୍ଦପୁର,୧୪।୫ (ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ବ୍ଲକର ଶାଳବଣି ଛକଠାରୁ ବିରିଡିହା ରାସ୍ତା ନିର୍ମାଣକୁ ବର୍ଷେ ନ ପୁରୁଣୁ ଅବସ୍ଥା ଶୋଚନୀୟ ହୋଇଛି। କେଉଁଠି ପିଚୁ ଉଠିଗଲାଣି ତ କେଉଁଠି କଂକ୍ରିଟ ଫାଟିଯାଇଛି। ଆଉ କେଉଁଠି ରାସ୍ତା ମଝିରେ ଗର୍ତ୍ତ ସୃଷ୍ଟି ହୋଇଛି। ଆର୍‌ଡି ବିଭାଗ ଅଧୀନରେ ଥିବା ଶାଳବଣି ଛକଠାରୁ ବିରିଡିହା ପର୍ଯ୍ୟନ୍ତ ୧୧ କି.ମି. ରାସ୍ତା ନିର୍ମାଣ ୨୦୨୩ରେ ଶେଷ ହୋଇଥିଲା। ଦିନକୁଦିନ ରାସ୍ତା ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ନିମ୍ନମାନର କାମ ଯୋଗୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ରହିବାରୁ ଠିକାଦାର ମନଇଚ୍ଛା କାମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାରେ ଭାଙ୍ଗିଯାଇଥିବା ସ୍ଥାନଗୁଡ଼ିକ ମରାମତି ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଆର୍ ଡି ବିଭାଗ ସହକାରୀ ଯନ୍ତ୍ରୀ ସୁବଳ ପଣ୍ଡାଙ୍କୁ ପଚାରିବାରୁ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରାଯାଇଥିବା କହିଛନ୍ତି।

## ଆନନ୍ଦପୁର ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

ସୋସୋ (ସତ୍ୟବ୍ରତ ଜେନା)/ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ),୧୪।୫

କେନ୍ଦୁଝର ଜିଲାରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ଥାନା ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି। ମଙ୍ଗଳବାର ଆନନ୍ଦପୁର ପୋଲିସ ପକ୍ଷରୁ ଏଏସ୍‌ଆଇ ଅଜିତ ବାନାରା ଓ ମିହିର କୁମାର କିସାନ ପ୍ରମୁଖ ଆନନ୍ଦପୁର-ଭଦ୍ରକ ରାସ୍ତାର ତରତରା ଛକ ନିକଟରେ ଯାତାୟାତ କରୁଥିବା ସମସ୍ତ ଘରୋଇ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା।

## ୩୭ ନଂ. ଜୋନ୍‌ରେ ବିଜେଡିର ବାଇକ୍ ରାଲି

ହାଟଡିହୀ,୧୪।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ଏକ ବାଇକ୍ ରାଲି ଦ୍ୱାରା ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ମଙ୍ଗଳବାର ହାଟଡିହୀ ବ୍ଲକର ୩୭ନଂ. ଜୋନରେ ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସମର୍ଥକଙ୍କ ସହ ବାଇକ୍ ରାଲି କରି ପ୍ରଚାର କରିଛନ୍ତି। ଉକ୍ତ ଜୋନ୍ ଅଧୀନ କଳିଙ୍ଗା, ଶାଳନିଆ, ଡ଼ଅଁର, ଗେଡ଼ମା, ଆଇଟିପୁର, ସଡ଼ଙ୍ଗ, ହାବେଳେଶ୍ୱର ପ୍ରଭୃତି ୭ଟି ପଞ୍ଚାୟତରେ ଅଭିମନ୍ୟୁ ସମର୍ଥକଙ୍କ ଗହଣରେ ପ୍ରଚାରକୁ ଜୋରଦାର କରିଥିଲେ। କଳିଙ୍ଗା ନିକଟ ପେଟ୍ରୋଲ ପମ୍ପଠାରୁ ପ୍ରଚାର ଆରମ୍ଭ ହୋଇଥିଲା। ବିଜେଡି ସରକାରଙ୍କ ବିକାଶ ମୂଳକ ଯୋଜନାକୁ ନେଇ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅଭିମନ୍ୟୁ ଏବଂ ସମର୍ଥକ ମାନେ ପ୍ରଚାର ଜରିଆରେ ନିବେଦନ କରିଥିଲେ। ଅମରେନ୍ଦ୍ର ଧଳ, ବୀରେନ୍ଦ୍ର ବିଶ୍ୱାଳ, ରଞ୍ଜନ ପହି, ପ୍ରତାପ ଦେଓ, ଗଦାଧର ଦାସ, ବାବୁଲା କାଣ୍ଡି, ନରେନ୍ଦ୍ର ସେଠୀ, ବ୍ରଜ କିଶୋର ଜେନା, ଧବଳେଶ୍ୱର ପଟ୍ଟନାୟକ, ରଙ୍ଗାଧର ମଲ୍ଲିକ, ବିମ୍ବାଧର ବିଶ୍ୱାଳ, ରମାକାନ୍ତ ନାୟକଙ୍କ ସହ ଅନେକ ବରିଷ୍ଠ କର୍ମକର୍ତ୍ତା ପ୍ରଚାରରେ ନେତୃତ୍ୱ ନେଇଥିଲେ। ନିର୍ମଳ ସେଠୀ, ଗିରିଶ ସ୍ୱାଇଁ, ଅମରା ସେଠୀ, ଭ୍ରମରବର ସେଠୀ, ପ୍ରଦୀପ ସେଠୀ, ଗୀତିମୟ ବେହେରା, ଶିଶିର ବେହେରା, ବରଦା ପ୍ରସନ୍ନ ନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ଏବଂ ଭାଜପା ପକ୍ଷରୁ ମଧ୍ୟ ବିଭିନ୍ନ ଅଞ୍ଚଳରେ ପ୍ରଚାର କରାଯାଇଛି।



ବାଇକ୍ ରାଲିରେ ସାମିଲ ହୋଇଥିବା ବିଜେଡି କର୍ମୀ।

## ପ୍ରଚାର ଜୋରଦାର କଲା ବିଜେଡି

**କେନ୍ଦୁଝର ସଦର ବିଧାନସଭା କ୍ଷେତ୍ର**

କେନ୍ଦୁଝର,୧୪।୫(ଦୀପକ ମିଶ୍ର)

କେନ୍ଦୁଝର ସଦର ବିଧାନସଭା କ୍ଷେତ୍ରର ବିଜୁ ଜନତା ଦଳ ବିଧାୟିକା ପ୍ରାର୍ଥୀ ମୀନା ମାଝୀ ସଦର ଓ ଝୁମ୍ପୁରା ବ୍ଲକରେ ପ୍ରଚାରକୁ ଜୋରଦାର କରିଛନ୍ତି। ଦଳୀୟ ସମର୍ଥକ ଓ ସ୍ଥାନୀୟ ନେତାଙ୍କୁ ନେଇ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ଶାସନ, ଗାଁକୁ କାମ ଓ ମା'କୁ ସମ୍ମାନ ସମ୍ପର୍କରେ ଅବଗତ କରାଇବା ସହ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଉଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁଝର ସଦର ମହକୁମାରେ ମେଡିକାଲ କଲେଜ, ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ, ବିଭିନ୍ନ ମଠ, ମନ୍ଦିର,ଶାଳ,ଉପାସନା ପୀଠର ଉନ୍ନତି କରିବା ସହ ମୌଳିକ ସମସ୍ୟା ସମାଧାନ କରିଥିବା କହିବା ସହ ମା'ମାନଙ୍କୁ କମ୍ ସୁଧରେ ଋଣ,ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ ସୁବିଧା



ସମର୍ଥକଙ୍କ ସହ ବିଧାୟିକା ପ୍ରାର୍ଥୀ ମୀନା ମାଝି ପ୍ରଚାର କରୁଛନ୍ତି।

ପ୍ରଦାନ ସମ୍ପର୍କରେ ସେ ଆଲୋକପାତ କରୁଛନ୍ତି। ବିଜେଡି ଜନଜାତି ସେଲ ଅଧକ୍ଷ ବାବୁରାମ ନାଏକ, ମହିଳା ସଭାପତି ପୁନମ ସିଂ, କାଉନସିଲର କେକି କାକଳୀ କୁମରା ପ୍ରମୁଖ ତାଙ୍କ ସହ ବିଭିନ୍ନ ଜନସମ୍ପର୍କ କାର୍ଯ୍ୟରେ ଉପସ୍ଥିତ ରହିବା ସହ ଝୁମ୍ପୁରା ବ୍ଲକର ନାରଦପୁର, ନୟାଗଡ, ବସନ୍ତପୁର, ନହବେଡା, ଖେଣ୍ଡରା, କୁଟୁଗାଁ ଓ ସଦର ବ୍ଲକର କଣ୍ଡରାପଶି, ରାଇକଳା, ପର୍ଜନପୁର ପଳାଶପଙ୍ଗା, ବନମାଳୀପୁର, କେମ୍ପସଡା ଆଦି ଅଞ୍ଚଳକୁ ଯାଇ ପ୍ରଚାର କରିଛନ୍ତି।

## କଂଗ୍ରେସର ବାଇକ୍ ରାଲି

ବଉଳା,୧୪।୫(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନା ମଙ୍ଗଳବାର ପ୍ରଚାର କରିଛନ୍ତି। ହାଟଡିହୀ ବ୍ଲକର ଶାଳଣିଆ କଂଗ୍ରେସ କାର୍ଯ୍ୟାଳୟରୁ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ବାଇକ୍ ରାଲିରେ ସେ ବାହାରି ଡଅଁର, ହାବଳେଶ୍ୱର, କଳିଗାଁ, ଗଡେମା, ସମାଣା ଆଦି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ଲୋକଙ୍କୁ ଭେଟି ଭୋଟ୍ ଭିକ୍ଷା କରିଥିଲେ। ଅଲେଖ ଚନ୍ଦ୍ର ମଲ୍ଲିକ, ନିକୁଞ୍ଜ ଓଝାଙ୍କ ସମେତ ବରିଷ୍ଠ କଂଗ୍ରେସ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।



ବାଇକ୍ ଶୋଭାଯାତ୍ରାରେ ସାମିଲ କଂଗ୍ରେସ କର୍ମୀମାନେ।

# ୧୦ ଏମ୍‌ପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

## ମୟୂରଭଞ୍ଜ ଲୋକ ସଭା ଆସନ

ବାରିପଦା,୧୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଅନୁଷ୍ଠିତ ଶୋଭାଯାତ୍ରା ।

ମୟୂରଭଞ୍ଜ ଜିଲାର ଗୋଟିଏ ଲୋକସଭା ଓ ୮ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶେଷ ଦିବସ ସୁଦ୍ଧା ୧୦ ଜଣ ଏମ୍‌ପି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲୋକସଭା ଆସନରୁ ଭାଜପା ପ୍ରାର୍ଥୀ ନବ ଚରଣ ମାଝୀ, କାହ୍ନୁ ଚରଣ ଟୁଡୁ, ପୀତାମ୍ବର ନାଏକ, ଅନନ୍ତ ମାରାଣ୍ଡି, ଜେଏମ୍ଏମ୍‌ର ଅଞ୍ଜନୀ ସୋରେନ, ବିଜେଡିର ସୁଦାମ ମାରାଣ୍ଡି, ସ୍ୱାଧୀନ ପ୍ରାର୍ଥୀ ଅଶୋକ କୁମାର ସିଂ, ବାଜୁନ ହାଁସଦା, ବହୁଜନ ସମାଜ ପାର୍ଟିର ଜଟିଆ ସାୱନ ଓ ଶାନ୍ତିଲତା ଚାତାର ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ଉଦଳା ବିଧାନସଭା ଆସନରେ ଜେଏମ୍ଏମ୍‌ର ଚକ୍ରଧର ସିଂ, ଆଜସୁର ମଦନ ମୋହନ ମାଝୀ, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ଟୁଡୁ, ବେଣୁଧର ମହାପାତ୍ର, ମିନାକ୍ଷୀ ମୁର୍ମୁ ଓ ରାଇମଣି ବିଶ୍ୱାଳ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଯଶୀପୁର ବିଧାନସଭାରୁ ବିଜେଡି ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଭାରତୀୟ ନ୍ୟାୟ ଅଧିକାର ପାର୍ଟିର ଦିଲ୍ଲୀପ ନାଏକ, କଂଗ୍ରେସରୁ ଶ୍ୱେତା ଚାତାର, ସ୍ୱାଧୀନ ଭାବେ ଯୋଗେନ୍ଦ୍ର ନାଥ ପୂର୍ତ୍ତି, କମ୍ୟୁନିଷ୍ଟରୁ ନୀଳାମ୍ବର ନାଏକ, ମଇନା ବେଶ୍ରା ଓ ଭାଜପାର ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ମିଶାଇ ଅଦ୍ୟାବଧି ୯ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରାଇରଙ୍ଗପୁର ଆସନରେ ସାଲଖୁ ଲେମ୍ବା ମାଝୀ, ସୁନାରାମ ଟୁଡୁ, କଂଗ୍ରେସରୁ ଯୋଗେନ୍ଦ୍ର ବାନରା, ଭାଜପାରୁ ଜୋଲେନ ନାଏକ, ବିଜେଡିରୁ ରାଇସେନ ମୁର୍ମୁ, ଯଶୋଦା ମାରାଣ୍ଡି, ମୀନତୀ ହାଁସଦା ଓ ଅନନ୍ତ ଆଲୋକ ବାସ୍କେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବାଙ୍ଗିରିପୋଷି ଆସନରୁ ସ୍ୱାଧୀନ ଭାବେ ସିଙ୍ଗରାୟ ମାରାଣ୍ଡି, ମୋହନ ହେମ୍ବ୍ରମ, ସର୍ଦ୍ଦାର ସିଂ, ସୁରେନ୍ଦ୍ର ନାଥ ହାଁସଦା, ମନୋରଞ୍ଜନ ହେମ୍ବ୍ରମ, କଂଗ୍ରେସରୁ ମୁରଲୀଧର ନାଏକ, ବିଜେଡିରୁ ରଞ୍ଜିତା ମାରାଣ୍ଡି, ଭାଜପାରୁ ସଞ୍ଜଲୀ ମୁର୍ମୁ ଓ ଜେଏମ୍ଏମ୍‌ରୁ ବିଷ୍ଣୁ ସିଂ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସାରସକଣା ବିଧାନସଭା ଆସନରେ ଚେକର ମୁର୍ମୁ, ମଧୁସୂଦନ ନାଏକ, ଜେଏମ୍ଏମ୍‌ରୁ ଅଞ୍ଜନୀ ସୋରେନ, ଭାଜପାରୁ ଭାଦବ ହାଁସଦା, ବିଜେଡିରୁ ଦେବାଶିଷ ମାରାଣ୍ଡି, ସତ୍ୟବ୍ରତ ନାଏକ, ରାମକୁମାର ସୋରେନ, ସାମାୟ ମୁର୍ମୁ, ରାଇସେନ ସୋରେନ, ଶଙ୍କର ନାଏକ ଓ ସୋମନାଥ ମାଝୀଙ୍କୁ ମିଶାଇ ଅଦ୍ୟାବଧି ୧୮ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବଡ଼ସାହି ଆସନରୁ ଜୟନ୍ତୀ ପାତ୍ର, ଭାଜପାର ସନାତନ ବିଜୁଳି, ବିଜେଡିର ଅନୁସୟା ପାତ୍ର, ମାନସ ରଞ୍ଜନ ବେହେରା, କଂଗ୍ରେସର କ୍ଷୀରୋଦ ପାତ୍ର ଓ ଅଞ୍ଜନା ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବାରିପଦା ଆସନରୁ ବିଜେଡିର ସାନନ୍ଦ ମାରାଣ୍ଡି, କଂଗ୍ରେସର ପ୍ରମୋଦ କୁମାର ହେମ୍ବ୍ରମ, ଭାଜପାରୁ ପ୍ରକାଶ ସୋରେନ, ରଞ୍ଜିତା ହେମ୍ବ୍ରମ, ଦୁର୍ଗା ଚରଣ ସିଂ ଓ ନାନାରାମ ମୁର୍ମୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଦଳା ଆସନରୁ ଭାଜପାର ଭାସ୍କର ମଢେଇ, ବିଜେଡିର ଶ୍ରୀନାଥ ସୋରେନ, କାଳିଚରଣ ପାତ୍ର, ମଦନ ମୋହନ ମାଝୀ, ଦୁର୍ଗା ଚରଣ ଟୁଡୁ, ଯୋଗେନ୍ଦ୍ର ନାଥ ବାରସାଲିଆ, ଚକ୍ରଧର ସିଂ, ରବୀନ୍ଦ୍ର ନାଥ ଟୁଡୁ, ବେଣୁଧର ମହାପାତ୍ର, ମୀନାକ୍ଷୀ ମୁର୍ମୁ ଓ ରାଇମଣି ବିଶ୍ୱାଳ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୋରଡ଼ା ଆସନରୁ ଭାଜପାର କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେଡିର ପ୍ରତିନନ୍ଦା କାନୁନଗୋ, କଂଗ୍ରେସର ପ୍ରଭାସ କର ମହାପାତ୍ର, ମଦନ ମୋହନ ମୁର୍ମୁ, ମୃତ୍ୟୁଞ୍ଜୟ ବେହେରା, ଯୋଗେନ୍ଦ୍ର ନାଥ ମହାନ୍ତ, ସଞ୍ଜୀବ ରାଉତ, କୃଷ୍ଣଚନ୍ଦ୍ର ଦାସ, ଶଙ୍କର୍ଷଣ ମିଶ୍ର, ଗୋପବନ୍ଧୁ ମହାନ୍ତ, ସତ୍ୟବାନ ଦଳନାୟକ, ରାଧାକ୍ରିଷ୍ଣ ମହାନ୍ତ, ସୁଦାମ ସୋରେନ, ଦିବ୍ରତ ଚନ୍ଦ୍ର ମହାନ୍ତ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

# ମୋରଡ଼ାରେ ବିଜେଡିର ପ୍ରଚାର

ମୋରଡ଼ା,୧୪।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ନିର୍ବାଚନମଣ୍ଡଳୀରେ ଆସନ୍ତା ଜୁନ ୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ରାଜନୈତିକ ଦଳ କସରତ ଆରମ୍ଭ କରିଦେଇଛନ୍ତି। ଘରକୁ ଘର ବୁଲି ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ ଭୋଟ ଭିକ୍ଷା କରୁଛନ୍ତି। ପ୍ରଥମେ ୧୧ ତାରିଖରେ ବିଜୁ ଜନତା ଦଳ ୩୮ ନମ୍ବର ଜୋନରେ ପ୍ରଚାର ଆରମ୍ଭ କରିଥିଲା। ଉକ୍ତ ଜୋନ ଅନ୍ତର୍ଗତ ଗଡିଆ ପଞ୍ଚାୟତରୁ ପ୍ରଚାର ଆରମ୍ଭ ହୋଇ ଚଢେଇଗାଁ, ନୂଆଖାଲିଆ, ଚିକିଟାମାଟିଆ, ନୂଆଗାଁ ଓ ମୋରଡା ପଞ୍ଚାୟତକୁ ବୁଲି ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ସେହିପରି ୧୨ ତାରିଖରେ ୩୯ ନମ୍ବର ଜୋନର ୪୮ଟି ବୁଥର ସୁରେଇଡ଼ିହି,ଜାମଶୋଳ, ଚାକୁଣ୍ଡାପଦା, ନୂଆସାହି ପ୍ରଭୃତି ବିଭିନ୍ନ ଗ୍ରାମକୁ ବୁଲି ବୁଲି ଲୋକଙ୍କ ସହିତ ଆଲୋଚନା କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମଙ୍ଗଳବାର ୪୦ନଂ. ଜୋନ ଅନ୍ତର୍ଗତ ପଳାସମୁଣ୍ଡୁଳି ପଞ୍ଚାୟତରୁ ପ୍ରଚାର ଆରମ୍ଭ ହୋଇ ଧଡାସାହି, ବରକନ୍ଦ, ଗଡିଗାଁ, ଜୁଆଳିଭଙ୍ଗା ପଞ୍ଚାୟତର ପ୍ରତ୍ୟେକ ବୁଥକୁ ପ୍ରୀତିନନ୍ଦା ଦଳୀୟ ନେତା ଓ କର୍ମୀଙ୍କ ସହିତ ବୁଲି ବୁଲି ବିଜେଡିକୁ ଜିତାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସମସ୍ତ ୩ଟି ଜୋନର ଉକ୍ତ ବୁଥ ପରିକ୍ରମା କାର୍ଯ୍ୟକ୍ରମକୁ ବ୍ଲକ ପର୍ଯ୍ୟବେକ୍ଷକ ମୀନକେତନ ମହାନ୍ତି ପରିଚାଳନା କରିଥିବା ବେଳେ ବ୍ଲକ ଯୁବ ସଭାପତି ସମୀର କୁମାର ବେହେରାଙ୍କ ନେତୃତ୍ୱରେ ପ୍ରତ୍ୟେକ ଥର ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଜୟପ୍ରକାଶ ରାଉଳଙ୍କ ସମେତ ବରିଷ୍ଠ ବିଜେଡି ଜିଲା ପରିଷଦ ସଦସ୍ୟା ଝରଣା ମୁର୍ମୁ, ସଚ୍ଚିଦାନନ୍ଦ ମହାନ୍ତ, ମହିଳା ସଭାପତି ବିଦ୍ୟୁତପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ୍‌ଗୋ ପ୍ରଚାର କରୁଛନ୍ତି।

# ମନମୋହିଲା କରମ ରାଜା



କଳାକାରଙ୍କ ଦ୍ୱାରା ଛଉନୃତ୍ୟ ପରିବେଷଣ କରାଯାଉଛି।

ମୋରଡ଼ା,୧୪।୫(ସ୍ମାରକ ମାଜୀ)

## ଚିତ୍ରଡ଼ା ଛଉ ଉତ୍ସବ ଉଦ୍‌ଯାପିତ

ଦୁଇଦିନ ଧରି ଚାଲିଥିବା ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡ଼ା ଛଉ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ କଳାକାର ମାନଙ୍କ ଦ୍ୱାରା ୬ଟି ଲେଖାଏ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ତରସାହି କଳାକାରଙ୍କ ଦ୍ୱାରା ରାଇରାଜା, କରମ ରାଜା, ରାହାସ, ବସ୍ତ୍ରହରଣ, ଚାଷୀ ମୁଲିଆ, ନୌକା ବିଳାସ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଦକ୍ଷିଣ ସାହି କଳାକାରଙ୍କ ଦ୍ୱାରା ଦେବଯାନୀ, କେଳା, ବନବାସୀ,ତାମୁଡିଆ କୃଷ୍ଣ, ବସନ୍ତ ବିହାର, କିରାତ ଅର୍ଜୁନ ନୃତ୍ୟ ପରିବେଷଣ କରାଯାଇଥିଲା। ତେବେ ଉତ୍ତରସାହିର ଗୀତିକାର ହରିହର ଜେନାଙ୍କ ସୁମଧୁର କଣ୍ଠ ଶ୍ରୋତାମାନଙ୍କୁ ମୁଗ୍ଧ କରିଥିବା ବେଳେ ଉତ୍ତରସାହିର କରମରାଜା ନୃତ୍ୟରେ ଉପସ୍ଥିତ ଦର୍ଶକ ନାଚି ଉଠିଥିଲେ। ସେହିପରି ଦକ୍ଷିଣସାହିର ବନବାସୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ନୃତ୍ୟ ଆରମ୍ଭ ହେବା ପୂର୍ବରୁ ନାଟକି ବାଜାକୁ ବେଶ ଚିତାକର୍ଷକ ସହିତ ବଜାଇଥିଲେ ରାଜେଶ ଦାସ। ଶେଷ ରାତିରେ ଛଉ ନୃତ୍ୟ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କରମ ରାଜା ଓ ବନବାସୀକୁ ଶ୍ରେଷ୍ଠ ନୃତ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଆସନ୍ତା ବର୍ଷ ଉକ୍ତ ଛଉ ଆହୁରି ଚିତ୍ତାକର୍ଷକ ହେବା ସହିତ ଲୋକଙ୍କୁ ଆହୁରି ଆକୃଷ୍ଟ କରିବ ବୋଲି ଉଭୟସାହିର ଆୟୋଜକମାନେ କହିଛନ୍ତି।

# ଶେଷ ଦିନରେ ନାମାଙ୍କନ ଭରିଲେ ୧୦ ପ୍ରାର୍ଥୀ

ଉଦଳା,୧୪।୫(ସନ୍ତୋଷ କୁମାର ବାଛିନୀ)



ଭାଜପା ପ୍ରାର୍ଥୀ ଭାସ୍କର ମଢ଼େଇ ନାମାଙ୍କନ ଦାଖଲ କରୁଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ବିଧାନ ସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ମୋଟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଅନ୍ୟ ୫ ଜଣ ନିଜର ଦ୍ୱିତୀୟ ସେଟ୍ ନାମାଙ୍କନ ଦାଖଲ କରିଛନ୍ତି। ତେବେ ଶେଷ ଦିନର ଶେଷ ମୁହୂର୍ତ୍ତରେ ବିଜେଡି ଏବଂ ଭାଜପାର ଦୁଇ ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ବିଜେଡିର ଶ୍ରୀନାଥ ସୋରେନ୍, କଂଗ୍ରେସର ଦୁର୍ଗାଚରଣ ଟୁଡୁ, ସ୍ୱାଧୀନ ଭାବେ ରାଇମଣୀ ବିଶ୍ୱାଳ ନିଜର ଦ୍ୱିତୀୟ ସେଟ୍ ନାମାଙ୍କନ ଦାଖଲ କରିଥିବା ବେଳେ ଭାଜପାର ଭାସ୍କର ମଢେଇ ନିଜର ସମର୍ଥକମାନଙ୍କ ସହିତ ଆସି ଦ୍ୱିତୀୟ ସେଟ୍ ନାମାଙ୍କନ ଦାଖଲ କରିଥିଲେ। ଅନ୍ୟପଟେ ଜେଏମ୍ଏମ୍‌ର ପ୍ରାର୍ଥୀ ଚକ୍ରଧର ସିଂ ଦ୍ୱିତୀୟ ସେଟ୍ ନାମାଙ୍କନ ଦାଖଲ କରିଥିବା ବେଳେ ମାୟା ଟୁଡୁ, ରାଜକିଶୋର ମାରାଣ୍ଡି, ବିଶ୍ୱନାଥ ମାର୍ଣ୍ଡି ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଥିଲେ। ଶେଷ ସମୟରେ ଭାଜପାର ଅସନ୍ତୁଷ୍ଟ ନେତା କଲ୍ଲୋଳ ସିଂ ଓ ବିଜେଡି ଟିକେଟରୁ ବଞ୍ଚିତ ଡା.ମନୋରଞ୍ଜନ ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଉଦଳା ନିର୍ବାଚନମଣ୍ଡଳୀ ନିମନ୍ତେ ସମୁଦାୟ ୧୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ

## ସିବିଏସଇ ଦଶମ ପରୀକ୍ଷାରେ ତନ୍ମୟଙ୍କ କୃତିତ୍ୱ

ମୋରଡା,୧୪।୫(ସ୍ମାରକ ମାଜୀ)



ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଶୀର୍ଷାପାଳ ଗ୍ରାମର ମାନସୀ ସାହୁ ଓ ସଞ୍ଜୟ କୁମାର ସାହୁଙ୍କ ପୁଅ ତନ୍ମୟ କୁମାର ସାହୁ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୭.୮ ପ୍ରତିଶତ ନମ୍ବର ରଖି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ଏଥିନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଉଛି। ଏହି ସଫଳତା ପାଇଁ ତନ୍ମୟ ଇଶ୍ୱର,ମା',ବାପା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଆଇଆଇଟି ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ତନ୍ମୟ ଆକାଶ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ସର୍ବଭାରତୀୟ ସ୍ତରରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ପାଇବା ପାଇଁ ଯୋଗ୍ୟ ହୋଇଥିଲେ।

# ଡିଇଓଙ୍କୁ କାରଣ ଦର୍ଶାଅ ନୋଟିସ

ବାରିପଦା,୧୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲାର ୨୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନିର୍ବାଚନ ପରିଚାଳନାରେ ନିୟୋଜିତ କରାଯାଇ ନ ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ଚିଠି ନଂ. ୩୪୭୦/୧୩।୫।୨୪ରେ ଏହି ନୋଟିସ କରାଯାଇଛି। ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ କାର୍ଯ୍ୟାଳୟର ଆଡମିନିଷ୍ଟ୍ରେସନ ଦାୟିତ୍ୱରେ ଥିବା ଜିଲା ସହକାରୀ ଶିକ୍ଷା ଅଧିକାରୀ ଏବଂ ସମ୍ପୃକ୍ତ ୨୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ଜିଲାର ଖଡମବେଡା ହାଇସ୍କୁଲ, ଖଣ୍ଡାବନ୍ଧା ହାଇସ୍କୁଲ, ମା' କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସବିତା ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ, ସନାତନ ସୁର ଭାରତୀ ସଂସ୍କୃତ ବିଦ୍ୟାଳୟ, ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ(ଏଡେଡ୍), ସୁନ୍ଦରଗୌରା ପଞ୍ଚାୟତ ହାଇସ୍କୁଲ, ଆଦିବାସୀ ହାଇସ୍କୁଲ ବାରିଆ, ଆହାରବନ୍ଧ ହାଇସ୍କୁଲ, ଭୋଳାନାଥ ସଂସ୍କୃତ ବିଦ୍ୟାଳୟ, ଚିକିଟାମାଟିଆ ଏ.ଭି. ହାଇସ୍କୁଲ, ଗୋରୁମହିଷାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମାଧପୁର, ସରକାରୀ ୟୁଜି ହାଇସ୍କୁଲ ବଣିଆବସା, ସରକାରୀ ୟୁଜି ହାଇସ୍କୁଲ ବାଲିମୁଣ୍ଡୁଳୀ, ତାଲାପତି ହାଇସ୍କୁଲ ବିଶୋଇ, ପିଏସ୍ ହାଇସ୍କୁଲ ଛାନୁଆ, ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍. କେ. ସରକାରୀ ଉଚ୍ଚ ବିଦ୍ୟାଳୟ ଗଉଡଗାଁ ଓ ଜାନକୀଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ କୁଲିଅଣାର ପ୍ରଧାନ ଶିକ୍ଷକମାନଙ୍କୁ ନୋଟିସ ଜାରି କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ସେଠୀ ପ୍ରକାଶ କରିଛନ୍ତି।

# ମହାରାଣୀ ତଖତ କୁମାରୀଙ୍କ ତିରୋଧାନ ଦିବସ

ବାରିପଦା,୧୪।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ 'ପୂର୍ଣ୍ଣଚନ୍ଦ୍ର ସ୍ମୃତି ମନ୍ଦିର ଟ୍ରଷ୍ଟ' ଆନୁକୂଲ୍ୟରେ ମଙ୍ଗଳବାର ମହାରାଣୀ ତଖତ କୁମାରୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମହାରାଣୀଙ୍କ ସ୍ମୃତି ମନ୍ଦିର ପରିସରରେ ଆୟୋଜିତ ସ୍ମୃତିସଭା କାର୍ଯ୍ୟ ପ୍ରାରମ୍ଭରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଣୀ ତଖତ କୁମାରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା ପରିବାର ସଦସ୍ୟ, ଅତିଥି ଏବଂ ଟ୍ରଷ୍ଟର ସଦସ୍ୟା ସଦସ୍ୟମାନେ ମହାରାଜା ଏବଂ ମହାରାଣୀଙ୍କ ତ୍ୟାଗ, ଜୀବନ ଆଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଦସ୍ୟ ମଥୁରା ପ୍ରସାଦ ଦଣ୍ଡପାଟ, ବିଜୟ କୁମାର ଦାସ, ଯୋଗେଶ୍ୱର ଦଣ୍ଡପାଟ, ଅଜିତ କୁମାର ଦାସ, ଦିବାକର ତ୍ରିପାଠୀ, ଅମ୍ବିକା ଘୋଷ, ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ତିରୋଧାନ ଦିବସ ପାଳନ ପାଇଁ ସମାଧି ମନ୍ଦିରରେ ବୈଦିକ ପଦ୍ଧତିରେ ଶ୍ରାଦ୍ଧ ବିଧି ଏବଂ ପୂଜାର୍ଚ୍ଚନା କରାଯାଇ ବ୍ରାହ୍ମଣ ଭୋଜନ ଓ ଉପସ୍ଥିତ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ରାଜପରିବାର ପକ୍ଷରୁ ଦିବ୍ୟଦୁ ଚନ୍ଦ୍ର ଭଞ୍ଜଦେଓ, ଅନିରୁଦ୍ଧ ଭଞ୍ଜଦେଓ, ଭରତ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**

**Connected with CA (CAA) No. 2/CB/2024**

**ମାମଲା:** କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

**ମାମଲା:** ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

**ମାମଲା:** କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

**ମାମଲା:** ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

**ମାମଲା:** ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

**ମାମଲା:** ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

**ମାମଲା:** ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍‌ପଶ୍ଚାତ୍ ମିଳିତ ଭାବେ ''ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ'')

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

# ଭକ୍ତଙ୍କ ଉପରକୁ ଲଡୁ ଫିଙ୍ଗିଲେ ଭକ୍ତା

## ସରିଲା ଚିତ୍ରଡ଼ା ବୈଶାଖୀ ପର୍ବ

ମୋରଡ଼ା,୧୪।୫(ସ୍ମାରକ ମାଜୀ)



ଉଡ଼ା ପର୍ବ ଦେଖିବାକୁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାରେ ବୈଶାଖୀ ପର୍ବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଉଡ଼ା ପର୍ବ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୧୧ ଦିନ ଧରି ଭକ୍ତାମାନେ ଉପବାସରେ ରହିଥିଲେ। ମୋଟ ୨୪ ଜଣ ଭକ୍ତାଙ୍କ ମଧ୍ୟରୁ ୧୩ ଜଣ ଦେଶ ଭକ୍ତା ରହିଥିବା ବେଳେ ୧୧ ଜଣ ମାନସିକଧାରୀ ଭକ୍ତା ଥିଲେ। ସାରଥୀ ବେହେରା ପାଟଭକ୍ତା ଥିଲେ। ପ୍ରଥମେ ଦଣ୍ଡବତୀ ପରେ କଣ୍ଟାପାଟ ଅନୁଷ୍ଠିତ ହୋଇଥିଲା। ସୋମବାର ଭକ୍ତାଗଣ ନିଆଁରେ ଚାଲିଥିଲେ। ତେବେ ପରମ୍ପରା ମୁତାବକ, ସୋମବାର ରାତି ୧୨ଟାରେ ଶତାଧିକ ଜନସାଧାରଣଙ୍କ ଗହଳିରେ ଭକ୍ତାମାନଙ୍କ ଦ୍ୱାରା ନିଶାଘଟ ଉତ୍ତୋଳନ ହୋଇ ଚଡଚଡି, ବାଜାର ତାଳେ ତାଳେ ଏକ ଶୋଭା ଯାତ୍ରାରେ ଚିତ୍ରଡା ଶିବ ମନ୍ଦିରକୁ ଅଣାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ଭକ୍ତାଙ୍କ ଦ୍ୱାରା ଉଡ଼ାପର୍ବ ଅନୁଷ୍ଠିତ ହୋଇଥିଲା। ଭକ୍ତାମାନେ ଏକ ଖୁଣ୍ଟରେ ବନ୍ଧା ହୋଇ ଉଡି ଉଡି ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ଉପରକୁ ଲଡୁ ଫିଙ୍ଗିଥିଲେ। ଏହି ଉପଲକ୍ଷେ ପରମ୍ପରା ଅନୁଯାୟୀ ଜଣେ ଶିବ ଭକ୍ତଙ୍କ ଦେହରେ କଣ୍ଟା ଫୋଡ଼ାଇ ମନ୍ଦିର ଚାରିପାଖ ପରିକ୍ରମା କରାଯାଇଥିଲା। ଉକ୍ତ ବୈଶାଖୀ ପର୍ବ ଚିତ୍ରଡା ସରପଞ୍ଚ ବାଳକ ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଡ଼ାପର୍ବ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ନାବାଳିକା ଗୁରୁତର

**ଔପଦା, ୧୪।୫(ଧରିତ୍ରୀ ପଣ୍ଡା)**

ଔପଦା ବ୍ଲକ ତଳକିଆ ଗ୍ରାମର ଗଙ୍ଗାଧର ବେହେରାଙ୍କ ୧୩ ବର୍ଷର ଝିଅ ଗାୟତ୍ରୀ ବେହେରା ମଙ୍ଗଳବାର ସକାଳେ ଛେଳି ଖୋଜିବାକୁ ଯାଇ କେନାଲ କାମର ମାଟିଢ଼ୁହାକୁ ଚଢ଼ିଯିବାରୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ନାବାଳିକାଙ୍କ କପାଳ ଓ ବାମ କାନ୍ଧ ପାଖ ପୋଡ଼ିଯାଇଥିବାରୁ ପ୍ରଥମେ ଔପଦା ଓ ସୋର ଡାକ୍ତରଖାନାରେ ଚିକିତ୍ସା ପରେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କେନାଲ ଓ ବିଦ୍ୟୁତ ବିଭାଗ ଦାୟିତ୍ୱହୀନତା ପାଇଁ ଏହିପରି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। କେନାଲ ବିଭାଗ ଏସ୍‌ଡ଼ିଓ ତପନ କୁମାର ଜେନାଙ୍କୁ ଘଟଣା ସମ୍ପର୍କରେ ଯୋଗାଯୋଗ କରିବାରୁ ଝିଅଟି ମାଟି ଉପରକୁ ଉଠିବା ପୂର୍ବରୁ ଲକ୍ଷ୍ୟ କରିଥିଲେ, ଏପରି ଘଟଣା ଘଟି ନ ଥାନ୍ତା ବୋଲି କହିଛନ୍ତି। ଟାଟା ପାୱାର ଯନ୍ତ୍ରୀ ଶୁକଦେବ ସାହୁଙ୍କୁ ପଚାରିବାରୁ କେନାଲ ବିଭାଗ ଖୁଣ୍ଟ ନିକଟ ଏବଂ ବିଦ୍ୟୁତ ତାର ଅତିକ୍ରମ କରିଥିବା ସ୍ଥାନରେ ମାଟି ଜମା ରଖିବା ସମ୍ପର୍କରେ ଆମ ବିଭାଗକୁ କୌଣସି ସୂଚନା ନ ଦେବା ଏହା ଦୁର୍ଭାଗ୍ୟଜନକ ଏଥିପାଇଁ ବିଭାଗ ପକ୍ଷରୁ ତାଙ୍କୁ ପତ୍ର ଦିଆଯିବ ବୋଲି କହିଛନ୍ତି।

### ଖବରଦାତାଙ୍କ ବିୟୋଗରେ ଶୋକସଭା

**ବାଲେଶ୍ୱର, ୧୪।୫(ମାନସ ବିଶ୍ୱାଳ)**

ବାଲେଶ୍ୱରର ବରିଷ୍ଠ ଖବରଦାତା ଚିତ୍ତରଞ୍ଜନ ସାହୁଙ୍କର ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ରେମୁଣାସ୍ଥିତ ନରହରିପୁର ବାସଭବନରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ବିଭିନ୍ନ ଖବରକାଗଜର ବାଲେଶ୍ୱର ଜିଲା ପ୍ରତିନିଧି ଭାବରେ ସାମ୍ବାଦିକତା କରି ଆସୁଥିଲେ। ହିନ୍ଦୁସ୍ତାନ ସମାଚାର ନାମକ ଏକ ବହୁଭାଷୀ ସମ୍ବାଦ ସରବରାହ ସଂସ୍ଥାରେ ପ୍ରାୟ ୫୦ ବର୍ଷ ଧରି ଜିଲା ପ୍ରତିନିଧି ଭାବରେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ବିୟୋଗରେ ବାଲେଶ୍ୱର ଖବରଦାତା ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ସାମ୍ବାଦିକଙ୍କ ପ୍ରକୋଷ୍ଠ ଠାରେ ତାଙ୍କ ଉଦ୍ଦେଶ୍ୟରେ ଜିଲା ଖବରଦାତାମାନଙ୍କ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଖବରଦାତା ବିପ୍ଲବ କୁମାର ମହାନ୍ତି ଶୋକସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ରଞ୍ଜନ ବାଗ, ଦେବବ୍ରତ ପାଣିଗ୍ରାହୀ, ଉବାଚକ ମହାନ୍ତି, ସପନ ବିଶ୍ୱାଳ, ଶୁଭେନ୍ଦୁ ଦାସ, ଅଧିପ ଜେନା, ଅଜିତ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖବରଦାତା ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶାସ୍ତ୍ରୀୟ ବାଦ୍ୟର ଆସର ସହ ସମ୍ବର୍ଦ୍ଧନା ପର୍ବ

**ବାଲେଶ୍ୱର, ୧୪।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବାମପଦାସ୍ଥିତ ନୋସି ଉତ୍କଳାରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃ ପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚ୍ୟୁରାଲ ଏକାଡେମୀ ତରଫରୁ ଷଷ୍ଠ ଅର୍ଘରେ ଶାସ୍ତ୍ରୀୟ ବାଦ୍ୟର ବାଦନ ସହ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ କୋଲକାତା ଏଲ୍‌ଏନ୍‌ଟିର ରିଜିଓନାଲ ମ୍ୟାନେଜର ଅନିରୁଦ୍ଧ ବ୍ରହ୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରି ନୋସିର ଅଭିନବ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୋସିର ଉପସଭାପତି ସୁବ୍ରତ ନାୟକ ଯୋଗ ଦେଇଥିଲେ। ସନ୍ତୁର ବାଦକ ତପନ କୁମାର ବିଦ, ବେହେଲା ବାଦକ ବରଦାକାନ୍ତ ବାରିକ, ବଂଶୀବାଦକ ସଂଗ୍ରାମ ଗିରି ଓ ଓମ୍ ପ୍ରକାଶ ଗିରି, ତବଲା ବାଦକ ନନ୍ଦକିଶୋର ଦାସ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ଅଜୟ କୁମାର ବାରିକ, ମାଉଥ ଅର୍ଗାନ ବାଦକ ଡ. ରଜନୀକାନ୍ତ ନାୟକ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସେମାନେ ଶାସ୍ତ୍ରୀୟ ବାଦ୍ୟର ମୂର୍ଚ୍ଛନାରେ ଦର୍ଶକଙ୍କ ମନ ମୋହିଥିଲେ। ଏଥିସହ ସ୍ଥାନୀୟ ଶିଶୁ କଳାକାର ଦୁର୍ଗେଶ୍ୱରୀ ସିଂ, ଅନୁରାଧା ଦତ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। କାର୍ଯ୍ୟକ୍ରମକୁ ଏମ୍‌ସି ସତ୍ୟମ୍ ଓ ରୁଦ୍ର ପ୍ରସାଦ ବଳ ସହ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ ଓ ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନାମାଙ୍କନ ଦାଖଲ କଲେ ପ୍ରତାପ, ପର୍ଶୁରାମ, ସ୍ୱରୂପ


ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡଙ୍ଗୀଙ୍କ ଶୋଭାଯାତ୍ରା।


ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦସ ନାମାଙ୍କନ ଦାଖଲ କରୁଛନ୍ତି।

**ବାଲେଶ୍ୱର, ୧୪।୫(ମାନସ ବିଶ୍ୱାଳ)**

ସାଧାରଣ ନିର୍ବାଚନ ଲାଗି ନାମାଙ୍କନ ଦାଖଲର ଶେଷ ଦିନ ମଙ୍ଗଳବାର ଭାଜପାର ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଦଳର ବାଲେଶ୍ୱର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ମାନସ ଦତ୍ତ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ସୋର ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା, ବସ୍ତା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ନିଜ ନିଜ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବିଜେଡିର ବାଲେଶ୍ୱର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ନିଜର ସମର୍ଥକଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ନିଜର ନାମାଙ୍କନ ଦାଖଲ କରିଛନ୍ତି।

ଭାଜପାର ବାଲେଶ୍ୱର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଆଇଟିଆଇ ଛକ ନିକଟରୁ ସମର୍ଥକଙ୍କ ସହ ଏକ ବିଶାଳ ରାଲିରେ ସହର ପରିକ୍ରମା କରିବା ପରେ ଜିଲାପାଳ ଆଶୀଷ ଠାକରେଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ସହିତ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବଡ଼ସାହି ବିଧାୟକ ପ୍ରାର୍ଥୀ ସନାତନ ବିଜୁଳି, ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବାଲେଶ୍ୱର କ୍ଲଷ୍ଟର ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ପିଙ୍କି ପ୍ରଧାନ, ଠାକୁର ରଣଜିତ ଦାସ, ସଂଯୋଜକ ଶୁଭଙ୍କର ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ପଦାଧିକାରୀ, ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସୋର ବିଧାନସଭା କ୍ଷେତ୍ର ପାଇଁ ମଙ୍ଗଳବାର ଭାଜପା ପ୍ରାର୍ଥୀ ବଦଳାଇ ପର୍ଶୁରାମ ଧଡାଙ୍କୁ ଟିକେଟ ଦେଇଛି।

# ପ୍ରାର୍ଥୀପତ୍ର ଦାଖଲ କଲେ ଆଶିଷ


ନାମାଙ୍କନ ଦାଖଲ ଲାଗି ଆଶିଷ ଶୋଭାଯାତ୍ରାରେ ଯାଉଛନ୍ତି।

**ଭୋଗରାଇ, ୧୪।୫(ପ୍ରଦୀପ ଦାସ)**

ସାଧାରଣ ନିର୍ବାଚନ ଲାଗି ନାମାଙ୍କନର ଶେଷ ଦିନରେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଆଶିଷ କୁମାର ପାତ୍ର ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଅସିତ କୁମାର ଚାନ୍ଦ ଓ ନବଭାରତ ନିର୍ମାଣ ସେବା ପାର୍ଟି ପକ୍ଷରୁ ଖବରଦାତା ଭଗବାନ ଚନ୍ଦ୍ର ବେହେରା ଉପଜିଲାପାଳଙ୍କଠାରେ ନାମାଙ୍କନ ଦାଖଲ କରିଛନ୍ତି।

ପୂର୍ବରୁ ବିଜେଡି ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଓ କଂଗ୍ରେସର ସତ୍ୟଶିବ ଦାସ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଭାଜପା ପ୍ରାର୍ଥୀ ମଙ୍ଗଳବାର ସକାଳ ୭ଟାରେ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କଠାରେ ନିଜ ସମର୍ଥକଙ୍କ ସହିତ ମନସ୍କାମନା ପୂର୍ଣ୍ଣ ନିମନ୍ତେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଶିବଙ୍କ ଆଶିଷ କରୁଣା ନିମନ୍ତେ ଆରାଧନା କରି ଜୟଯାତ୍ରା ଶୁଭାରମ୍ଭ କରିଛନ୍ତି। ଭାଜପା ପ୍ରାର୍ଥୀଙ୍କ ସମର୍ଥନରେ ହଜାର ହଜାର ସମର୍ଥକ ଚନ୍ଦନେଶ୍ୱର ମନ୍ଦିର ବାହାରେ ଡାକ, ଢୋଲ ବାଦ୍ୟ ବଜାଇବା ସହିତ ସମର୍ଥକଙ୍କ ଜୟ ଶ୍ରୀରାମ ନାରାରେ ସ୍ୱାଗତ କରିଥିଲେ। ସେଠାରୁ ଭାଜପା ପ୍ରାର୍ଥୀ ବିଶାଳ ଶୋଭାଯାତ୍ରାରେ ବାଲେଶ୍ୱର ଅଭିମୁଖେ ଯିବା ବେଳେ ନଗୁଆଁ, ଜଳସୋହରିଆ, ଚୌକି, ମଟେଇବାଡ଼, ଥାନାଛକ, ଦାରୁହା, ବାଉଁଶଡିହା, ବାରମାଇଲ, କମର୍ଦ୍ଦା ଓ ନହରା ଛକଗୁଡିକରେ ସମର୍ଥକ ଓ ଶୁଭେଚ୍ଛୁମାନେ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଭାଜପାର ବରିଷ୍ଠ ଓ ବଳିଷ୍ଠ ନେତା ସୁନୀଲ କୁମାର କର, ସଞ୍ଜୀବ କୁମାର ସାହୁ, ରାଧାକାନ୍ତ ପ୍ରଧାନ, ଅମଲେନ୍ଦୁ ଦାସ, ଭବଶଙ୍କର ମହାନ୍ତି, କ୍ୟାପଟେନ ଅଶୋକ କୁମାର ଦାସ, ଗୋପାଳ ଚନ୍ଦ୍ର ପଣ୍ଡା, ଦିଲୀପ କାମିଲା, ନୀଳକଣ୍ଠ ଘୋଷ, ଶକ୍ତିପଦ ପାଣ୍ଡେ, ରବୀନ୍ଦ୍ର ଜେନା, ସୁଭାଷ ଚାନ୍ଦ, ଭାଗୀରଥ ପୁଷ୍ଟି, ସନ୍ତୋଷ ଗିରିଙ୍କସହିତ ୬ ମଣ୍ଡଳ ସଭାପତି, ୫୦ ପଞ୍ଚାୟତର ଛାମୁଆ ନେତାମାନେ ପ୍ରାର୍ଥୀଙ୍କ ନାମାଙ୍କନରେ ସାମିଲ ଥିଲେ।

# କୁପାରୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ


ସମର୍ଥକଙ୍କ ସହ ପଦ୍ମଲୋଚନ ସଭାସ୍ଥଳକୁ ଯାଉଛନ୍ତି।

**ଖଇରା, ୧୪।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଜୋନରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା କୁପେଶ୍ୱର ମନ୍ଦିରରୁ ପୂଜାର୍ଚ୍ଚନା ପରେ ସମର୍ଥକଙ୍କ ସହ ଏକ ବାଇକ ରାଲିରେ କୁପାରୀ ଅମ୍ବିକା ମନ୍ଦିର ଦେଇ ଚୁନନଟୀ ଗ୍ରାମକୁ ଯାଇଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ ପରେ କୁପାରୀ ବସ୍‌ଷ୍ଟାଣ୍ଡ ନିକଟରେ ପତିତପାବନ କରଙ୍କ ସଭାପତିତ୍ୱରେ ଆୟୋଜିତ ପଥପ୍ରାନ୍ତ ସଭାରେ ଖଇରା ସିମୁଳିଆର ବିକାଶ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏଣୁ ଏଥର ଖଇରା ସିମୁଳିଆରେ ଭାଜପାର ବିଜୟର ଧ୍ୱଜା ଉଡିବ ବୋଲି ସେ କହିଥିଲେ । ଭାଜପା ଯୁବମୋର୍ଚ୍ଚା ସଭାପତି ଇଂ. ରାଜେଶ କୁମାର ମହାକୁଡ, ଯୁବନେତା ନୀଳମାଧବ ପଣ୍ଡା, ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ, ନୟାଖଣ୍ଡି ସରପଞ୍ଚ ପ୍ରତିନିଧି ହୃଦୟ କୁମାର ବେହେରା, ମାୟାଧର କୁଅଁର, କୁପାରୀ ସମିତିସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାର୍ଥୀ ପଣ୍ଡା କୁପାରୀ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ।

### ନୀଳଗିରି ନିର୍ବାଚନମଣ୍ଡଳୀ: ୭ ପ୍ରାର୍ଥୀପତ୍ର ଦାଖଲ

**ନୀଳଗିରି, ୧୪।୫(ପ୍ରଶାନ୍ତ ବିଶ୍ୱାଳ)**

ସାଧାରଣ ନିର୍ବାଚନର ମଙ୍ଗଳବାର ନାମାଙ୍କନର ଶେଷ ତାରିଖ ଥିବା ବେଳେ ନୀଳଗିରି ନିର୍ବାଚନମଣ୍ଡଳୀରୁ ବିଭିନ୍ନ ଦଳର ମୋଟ ୭ଜଣ ପ୍ରାର୍ଥୀ ସେମାନଙ୍କର ପ୍ରାର୍ଥୀପତ୍ର ନିର୍ବାଚନ ଅଧିକାରୀ ତଥା ନୀଳଗିରି ଉପଜିଲାପାଳଙ୍କଠାରେ ଦାଖଲ କରିଛନ୍ତି। ଗତ ୭ତାରିଖ ଠାରୁ ୧୪ତାରିଖ ମଧ୍ୟରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କର ନାମାଙ୍କନ ଦାଖଲ ପ୍ରକ୍ରିୟାରେ ମୋଟ ୭ଜଣ ପ୍ରାର୍ଥୀ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ବିଧାନସଭା ଆସନ ପାଇଁ ବିଭିନ୍ନ ଦଳ ମଧ୍ୟରେ ସିପିଏମ୍ ପକ୍ଷରୁ ଯୋଗାନନ୍ଦ ଦାସ, ସିପିଆଇରୁ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ବିଜେଡି ପକ୍ଷରୁ ସୁକାନ୍ତ କୁମାର ନାୟକ, ଭାଜପାରୁ ସନ୍ତୋଷ କୁମାର ଖଟୁଆ, ଭାରତୀୟ ଜାତୀୟ କଂଗ୍ରେସ ଦଳରୁ ଅକ୍ଷୟ କୁମାର ଆଚାର୍ଯ୍ୟ, ସମୃଦ୍ଧ ଓଡ଼ିଶା ପକ୍ଷରୁ ଅରୁଣ କୁମାର ବାରିକ ଏବଂ ଜାତୀୟ ଆପନା ଦଳ ପକ୍ଷରୁ ଗଙ୍ଗାଧର ନାୟକ ଆବଶ୍ୟକ ଦସ୍ତାବିଜ୍ ସହିତ ନାମାଙ୍କନପତ୍ର ନିର୍ବାଚନ ଅଧିକାରୀ ତଥା ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକଙ୍କଠାରେ ଦାଖଲ କରିଛନ୍ତି। ଅନ୍ୟ ୨ଜଣ ପ୍ରାର୍ଥୀ ନାମାଙ୍କନ ପାଇଁ ଅର୍ଥ ପୈଠ କରିଥିଲେ ମଧ୍ୟ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହୋଇଯାଇଥିବାରୁ ପ୍ରାର୍ଥୀପତ୍ର ଦାଖଲରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ଜୁନ ୧ତାରିଖ ଭୋଟଦାନ ପ୍ରକ୍ରିୟାରେ ମୋଟ ୨ଲକ୍ଷ ୧୬ହଜାରରୁ ଊର୍ଦ୍ଧ୍ୱ ମତଦାତା ୨୧୯ଗୋଟି ବୁଥ୍‌ରେ ମତଦାନ କରିବେ ବୋଲି ନିର୍ବାଚନ ଅଧିକାରୀ ମହାଲିକ ପ୍ରକାଶ କରିଛନ୍ତି।

### ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

**ବାଲେଶ୍ୱର, ୧୪।୫(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ଜେଲରୋଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇସୁଁଆ ଓ ସାର୍ଥା ପଞ୍ଚାୟତର ବହୁ କଂଗ୍ରେସ ଓ ବିଜେଡିର ଶତାଧିକ କର୍ମୀ ସାମିଲ ହୋଇଛନ୍ତି। ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ନବାଗତ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ବିଧାନସଭା ପ୍ରଭାରୀ ସୁଷମା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ଉପେନ୍ଦ୍ର ଶତପଥୀ, ରବିନାରାୟଣ ପ୍ରଧାନ, କାର୍ତ୍ତିକ ନାଥ, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସୁବାସିନୀଙ୍କ ମାରାଥନ ପ୍ରଚାର


ପ୍ରଚାର ସଭାରେ ସୁବାସିନୀ ଜେନା ଉଦ୍‌ବୋଧନ ଦେଉଛନ୍ତି।

**କାଳିପଦା, ୧୪।୫(ରାଜଶ୍ରୀ ପାଣିଗ୍ରାହୀ)**

ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ବିଜେଡିର ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ତାଙ୍କ ପ୍ରଚାରକୁ ଆହୁରି ଜୋରଦାର କରିଛନ୍ତି।

ସଭାରେ ପଞ୍ଚାୟତର ସଭାପତି ଅଧୀର ପାତ୍ରଙ୍କ ସଭାପତିତ୍ୱରେ ନିର୍ବାଚନୀ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବିଜେଡିର ଷ୍ଟାର ପ୍ରଚାରକ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ସଭାରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୨ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ପୂର୍ବତନ ସରପଞ୍ଚ ଅଜୟ ଭୂୟାଁ, ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି ଅଜୟ ପାତ୍ର, ଜୋନ କମିଟି ସଦସ୍ୟ ନବୀନ ପାତ୍ର, ଜିଲା ଯୁବ ସମ୍ପାଦକ ହାଡ଼ିବନ୍ଧୁ ରାଉତ, ଜିଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ଜିଲା ଯୁବ ସମ୍ପାଦକ ଶ୍ରୀକାନ୍ତ ନାଥ, ଗୋପାଳ କୃଷ୍ଣ ପାତ୍ର, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ଯୁବନେତା ଜ୍ୟୋତି ପ୍ରକାଶ ଭୂୟାଁ, କମଳଲୋଚନ ବେହେରା, ମହିଳା ନେତ୍ରୀ ଜାନକୀ ଭୂୟାଁ ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଏବଂ ଶହ ଶହ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ଜାତୀୟ ପ୍ରଯୁକ୍ତି ଦିବସ ପାଳିତ

**ବାଲେଶ୍ୱର, ୧୪।୫(ମାନସ ବିଶ୍ୱାଳ)**


ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପିଏକ୍ସଇ ପରିସରରେ ଜାତୀୟ ପ୍ରଯୁକ୍ତି ଦିବସ ପାଳିତ ହୋଇଯାଇଛି। 'ବିଦ୍ୟାଳୟରୁ ନୂତନ ଉଦ୍ୟୋଗୀ ପାଇଁ ଯୁବ ମାନସକୁ ପ୍ରେରିତ କରିବା' ଏହି ଦିବସର ଆହ୍ୱାନ ରହିଥିଲା। ଏହି ଅବସରରେ ପିଏକ୍ସଇ ବୈଜ୍ଞାନିକ-'ଇ' ଅଞ୍ଜନ ଶାହାଙ୍କ ଦ୍ୱାରା 'ଯୁଦ୍ଧାସ୍ତ୍ର ପରୀକ୍ଷଣ ସମୟରେ ଉଚ୍ଚସ୍ତରୀୟ ପାଣିପାଗ ତଥ୍ୟର ପ୍ରଭାବ' ବିଷୟରେ ପ୍ରସ୍ତୁତ ନିଜର ଗବେଷଣା ଲବ୍ଧ ଆଲେଖ୍ୟକୁ ଉପସ୍ଥାପନ କରିଥିଲେ। ଏଥିପାଇଁ ତାଙ୍କୁ ଡିଆରଡିଓ ତରଫରୁ ମେଡାଲ୍ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଲକାତା ଯାନ୍ତ୍ରିକ ଓ ପ୍ରବନ୍ଧନ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅନିର୍ବାଣ ଦାସ, 'କୃତ୍ରିମ ବୁଦ୍ଧିମତ୍ତା ଅନୁସନ୍ଧାନ ଓ ବିକାଶର ସମର୍ଥକମାନଙ୍କର ପୂର୍ଣ୍ଣତା ଓ ଅଭିବୃଦ୍ଧି' ବିଷୟରେ ନିଜର ତଥ୍ୟଭିତ୍ତିକ ଅଭିବ୍ୟକ୍ତି ରଖିଥିଲେ। ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ପ୍ରତିରକ୍ଷା ସାମଗ୍ରୀର ପରୀକ୍ଷଣ ଓ ମୂଲ୍ୟାୟନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଯୋଗଦାନ ଓ ଉପଲବ୍ଧ ବିଷୟରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୮ ମେ' ୧୧ରେ ପୋଖରାନ୍-୨ୟ ସଫଳ ପରୀକ୍ଷଣକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଏହି ଦିନ ଜାତୀୟ ପ୍ରଯୁକ୍ତି ଦିବସ ପାଳନ କରାଯାଇଥାଏ।

### ଛାତ୍ରୀଛାତ୍ରଙ୍କ ଦ୍ୱାରା ବଜ୍ରପାତ ସମ୍ପର୍କିତ ପଥପ୍ରାନ୍ତ ନାଟକ

**କାଳିପଦା, ୧୪।୫(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ସ୍ଥାନୀୟ କାଳିପଦାଠାରେ ଥିବା କାଳୀମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବଜ୍ରପାତ ସତର୍କତା ପାଇଁ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କ ପ୍ରେରଣା ଓ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କବି ଓ ଶିକ୍ଷକ ନଳିନୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଚିତ୍ତରଞ୍ଜନ ଜେନା ଯୋଗଦେଇ ଏ ପ୍ରକାର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାଦ୍ୱାରା ଲୋକଙ୍କ ଜୀବନରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାଳିପଦା ବଜାରରେ ଲୋକ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅତି ଚମତ୍କାର ଢଙ୍ଗରେ ନାଟକ ପରିବେଷଣ କରିଥିଲେ। ଏହା ନିଶ୍ଚିତ ଭାବେ ସମାଜରେ ପ୍ରଭାବ ପକାଇବ। ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଧନ୍ୟବାଦ ଦେଇଥିଲେ।



ଖଇରା-ଭଞ୍ଜପଦା ଗ୍ରାମ୍ୟ ଉନ୍ନୟନ ରାସ୍ତା

# ନିର୍ମାଣ ଆରମ୍ଭରୁ ବିଭ୍ରାଟ

**ଖଇରା, ୧୪।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଓ ଔପଦା ୨ ବ୍ଲକକୁ ସଂଯୋଗ କରୁଥିବା ଖଇରା-ଭଞ୍ଜପଦା ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ଆରମ୍ଭ ହୋଇଛି। ତେବେ ରାସ୍ତା ନିର୍ମାଣକୁ ନେଇ ରାସ୍ତା ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ରାସ୍ତାର ସ୍ଥାୟିତ୍ୱ ନେଇ ସାରକୋଣା, ବିଦ୍ୟାଧରପୁର ଶାସନ, ମୁକ୍ତାବେଗୁନିଆ, କେନ୍ଦୁଭଦଳୀ ଓ ଭଞ୍ଜପଦା ଗ୍ରାମର ଲୋକେ ପ୍ରଶ୍ନ ଉଠାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଶୋଚନୀୟ ରାସ୍ତାର ପୁନଃ ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ୪କି.ମି. ୩ଶହ ମିଟର ରାସ୍ତା ନିର୍ମାଣ ପାଇଁ ଆନୁମାନିକ ୪କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟ ଆରମ୍ଭ ସମୟ ୨୦୨୪ ମାର୍ଚ୍ଚ ୧୫ ଥିବା ବେଳେ ଶେଷ ଅବଧି ୨୦୨୪ ଡିସେମ୍ବର ୧୪ତାରିଖ ଅଛି। ଏବେ କିଛି ଦିନ ତଳେ ଭଞ୍ଜପଦା ଗ୍ରାମ ନିକଟରୁ ଆରମ୍ଭ ହୋଇଛି। ହେଲେ ରାସ୍ତା ନିର୍ମାଣରେ ବ୍ୟବହୃତ କଞ୍ଚାମାଲ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ୨ ପାର୍ଶ୍ୱକୁ ପ୍ରଶସ୍ତୀକରଣ କରାଯାଉଥିବା ବେଳେ ଏଷ୍ଟିମେଟ ଅନୁଯାୟୀ ଏହା କରାଯାଉ ନ ଥିବା ନେଇ ବହୁ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି । ସେହିଭଳି ମୁକ୍ତାବେଗୁନିଆ ନିକଟରେ ଚାଲିଥିବା ଡ୍ରେନ କାମରେ ମଧ୍ୟ ଅନିୟମିତତା ହେଉଥିବା ସ୍ଥାନୀୟ ଗ୍ରାମବାସୀ ଆର୍‌ଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ମନୋଜ କୁମାର ସେଣ୍ଠିଙ୍କୁ ଯୋଗାଯୋଗ କରିବାରେ ଖୁବ୍‌ଶୀଘ୍ର ରାସ୍ତା ପରିଦର୍ଶନ ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ରାସ୍ତାକୁ ଯିବେ ବୋଲି କହିଛନ୍ତି ।


ମୁକ୍ତା ବେଗୁନିଆ ନିକଟରେ ଚାଲିଥିବା ବେପରୁଆ ଡ୍ରେନ କାମ।


ରାସ୍ତା କାମ ପାଇଁ ଗଚ୍ଛିତ ଥିବା ନିମ୍ନମାନର ମେଟାଲ।

